## ସଂକ୍ଷେପରେ

### ତାଳଗଛ କଟାକୁ ନେଇ ଅସନ୍ତୋଷ

**ଖଡ଼ିଆଳ,୨୮।୯ (ସୁଜିତ କୁମାର ପ୍ରଧାନ):** ବଜ୍ରପାତଜନିତ ମୃତ୍ୟୁକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ତାଳଗଛର ସୁରକ୍ଷା ସହ ବ୍ୟାପକ ତାଳଗଛ ଲଗାଇବା ପାଇଁ ପଦକ୍ଷେପ ନେଉଛନ୍ତି। ଏପରି କି ବନ ବିଭାଗର ବିନା ଅନୁମତିରେ ସରକାରୀ ହେଉ କି ବେସରକାରୀ ଜମିରେ ନିଜ ମନଇଚ୍ଛା କେହି ବି ତାଳଗଛ କାଟିପାରିବେ ନାହିଁ ବୋଲି କଡ଼ା ନିର୍ଦ୍ଦେଶ ରହିଛି। ହେଲେ ନୂଆପଡ଼ା ଜିଲା ଖଡ଼ିଆଳରେ ଏହି ନିୟମର ଖୋଲା ଉଲ୍ଲଂଘନ କରାଯାଇଛି। ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ତାଳଗଛକୁ ବିନା ଅନୁମତିରେ କାଟି ଦିଆଯାଇଛି। ଏହାକୁ ନେଇ ବୃଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।

### ଶ୍ରମିକଙ୍କ ମୃତଦେହ ଆଣିବା ପାଇଁ ସ୍ତ୍ରୀଙ୍କ ନିବେଦନ

**ଥୁଆମୂଳ ରାମପୁର,୨୮।୯(ଦୁର୍ଗା କୀର୍ତ୍ତି):** ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଇ ଦୁର୍ଘଟଣାରେ ଜୀବନ ହାରିଥିବା ସ୍ୱାମୀଙ୍କ ମୃତଦେହ ଭିଟାମାଟିକୁ ଫେରାଇ ଆଣିବା ପାଇଁ ସ୍ତ୍ରୀ ପୋଲିସକୁ ନିବେଦନ କରିଛନ୍ତି। ସୂଚନା ଅନୁଯାୟୀ, କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଥାନା ଅନ୍ତର୍ଗତ ପାଡେପଦର ପଞ୍ଚାୟତ ମୁଣ୍ଡିଘାଟି ଗ୍ରାମର ସୁକଳଦେଈ ମାଝିଙ୍କ ସ୍ୱାମୀ ମନ ମାଝି ପରିବାର ପ୍ରତିପୋଷଣ ପାଇଁ ତାମିଲନାଡୁ ଯାଇ ମୂଲମଜୁରି କରୁଥିଲେ। ଶୁକ୍ରବାର କାମକୁ ଯାଉଥିବାବେଳେ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ଘଟିଥିଲା। ଗାଁକୁ ମୃତଦେହ ଆଣିବା ପାଇଁ ସୁକଳଦେଈ ଅକ୍ଷମତା ପ୍ରକାଶ କରି ସହାୟତା ଯୋଗାଇ ଦେବାକୁ ଥାନାରେ ଲିଖିତ ନିବେଦନ କରିଛନ୍ତି। ଜିଲା ପ୍ରଶାସନ, ସ୍ଥାନୀୟ ଜନପ୍ରତିନିଧି ଏହି ଗରିବ ପରିବାରକୁ ସାହାଯ୍ୟର ହାତ ବଢାଇବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ୧୩ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ମିଳିଲା ଟାବ୍‌ଲେଟ କମ୍ପ୍ୟୁଟର



**କର୍ଲାମୁଣ୍ଡା,୨୮।୯(ପ୍ରଦୀପ କୁମାର ସାହୁ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ଗୋଷ୍ଠୀ ଶିକ୍ଷା ବିଭାଗ ପକ୍ଷରୁ ଶୁକ୍ରବାର ବ୍ଲକର ୧୩ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଟାବ୍‌ଲେଟ କମ୍ପ୍ୟୁଟର ପ୍ରଦାନ କରାଯାଇଛି। ଏହି ଅବସରରେ ବ୍ଲକ ଗୋଷ୍ଠୀ କାର୍ଯ୍ୟାଳୟଠାରେ ଜୋରାଡବରା, ଖଲିଆପାଲି, କର୍ଲାମୁଣ୍ଡା, ରେଗଡା, କଣ୍ଡରେଇ, ଟକାରୁମାଲ, ଭଟାପଲା, କୁଶୁର୍ଲା, ବଡ଼ଡୁଙ୍ଗୁରିଗୁଡା, ଯୋଗିପଲା, ଭାଲୁପିଆ, ରେଙ୍ଗାଲି, ସୁରୁଜୁଲି ଆଦି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ଉପସ୍ଥିତିରେ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ବିଜୟ ଲକ୍ଷ୍ମୀ ନାଗ ଟାବଲେଟ କମ୍ପ୍ୟୁଟର ପ୍ରଦାନ କରିଥିଲେ। ଏଥିରେ ସିଆର୍‌ସିସି ପ୍ରସନ୍ନ କୁମାର ସାହୁ, ଉଜ୍ଜ୍ୱଳ କୁମାର ସାହୁ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାମ ଚନ୍ଦ୍ର ସା ପ୍ରମୁଖ ଉପସ୍ଥିତ ଥିଲେ।

# ଛାତ୍ରଙ୍କୁ ପଛରେ ପକାଇଲେ ଛାତ୍ରୀ

**ଭବାନୀପାଟଣା,୨୮।୯ (ଉତ୍ତମ କୁମାର ଦାଶ)**



ଅତିଥିଙ୍କ ସହ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀମାନେ।

**ଜିଲାସ୍ତରୀୟ ବିଜ୍ଞାନ ସେମିନାର**

କଳାହାଣ୍ଡି ଜିଲା ଭବାନୀପାଟଣା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ କକ୍ଷଠାରେ ଶୁକ୍ରବାର ଜିଲାସ୍ତରୀୟ ବିଜ୍ଞାନ ସେମିନାର ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାରଙ୍କ ମାର୍ଗଦର୍ଶନ ତଥା ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ସାହୁଙ୍କ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିଲା। କୃତ୍ରିମ ବୁଦ୍ଧିମତ୍ତା ଉପରେ ଆଧାରିତ ଏହି ସେମିନାରରେ ଜିଲାର ୧୩ ବ୍ଲକର ପ୍ରଥମ ହୋଇଥିବା ପ୍ରତିଯୋଗୀମାନେ ଭାଗ ନେଇଥିଲେ।

ଆୟୋଜିତ ସଭାରେ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବବିତା ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ବିଚାରକ ଭାବେ ଜନତା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରକାଶ ନିଶଙ୍କ ଓ ପ୍ରଗତି ଡିଗ୍ରୀ ମହାବିଦ୍ୟାଳୟ କମ୍ପ୍ୟୁଟର ବିଭାଗ ମୁଖ୍ୟ ସୌମ୍ୟ ସୌରଭ ପଟ୍ଟନାୟକ ଯୋଗ ଦେଇଥିଲେ। ବିଜ୍ଞାନ ପର୍ଯ୍ୟବେକ୍ଷକ ଦୁଷ୍ମନ୍ତ ଶେଖର ପାଢ଼ୀ ପ୍ରାରମ୍ଭିକ ବିବରଣୀ ପ୍ରଦାନ କରିଥିବାବେଳେ ଶିକ୍ଷକ ସୋମନାଥ ସାହୁ ସେମିନାର ପରିଚାଳନା କରିଥିଲେ। ଶିକ୍ଷକ ସତ୍ୟ ମହାକୁଡ, ବର୍ଷାରାଣୀ ତ୍ରିପାଠୀ, ଗୀତାଞ୍ଜଳି ବ୍ରହ୍ମା, ରଶ୍ମି ରାଣୀ ପଣ୍ଡା ପ୍ରମୁଖ ବିଭିନ୍ନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି ସେମିନାରରେ ଛାତ୍ରଙ୍କୁ ପଛରେ ପକାଇ ଛାତ୍ରୀମାନେ ସଫଳତା ହାସଲ କରିଥିଲେ। ଏଥିରେ କେସିଙ୍ଗା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ରୀ ଶୁଭଲକ୍ଷ୍ମୀ ସାହୁ ପ୍ରଥମ ହୋଇଥିବାବେଳେ ଜୁନାଗଡ଼ ବ୍ଲକ ଚିଚୈଗୁଡା ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ନିବେଦିତା ନାଏକ ଦ୍ୱିତୀୟ ଓ କର୍ଲାମୁଣ୍ଡା ବ୍ଲକ ତେରେଶିଙ୍ଗା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଲିଲି ଗହୀର ତୃତୀୟ ସ୍ଥାନ ଅଧିକାର କରିଥିଲେ। ପୁରସ୍କାର ବିତରଣୀ ସଭାରେ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ଅନୁଷ୍ଠାନର ପ୍ରଶିକ୍ଷକ ଈଶ୍ୱର ଚନ୍ଦ୍ର ବେହେରା, ଜୁନାଗଡ଼ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନେପାଳ ଚନ୍ଦ୍ର ବାଗ ଯୋଗ ଦେଇ ସମସ୍ତ ବିଜେତା ତଥା ଅଂଶଗ୍ରହଣ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଜିଲାସ୍ତରରେ ପ୍ରଥମ ହୋଇଥିବା ଛାତ୍ରୀ ଶୁଭଲକ୍ଷ୍ମୀ ସାହୁ ଆସନ୍ତା ଅକ୍ଟୋବର ୪ରେ ଭୁବନେଶ୍ୱର ରିଜିଓନାଲ ସାଇନ୍ସ ସେଣ୍ଟରରେ ଅନୁଷ୍ଠିତ ବିଜ୍ଞାନ ସେମିନାରରେ ଭାଗ ନେବେ।

## ପ୍ରତିଭା ପ୍ରଦର୍ଶନର ମାଧ୍ୟମ ସୁରଭି

**ଥୁଆମୂଳ ରାମପୁର,୨୮।୯ (ଦୁର୍ଗା କୀର୍ତ୍ତି)**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ୍ ମୁଖ୍ୟାଳୟ ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଶୁକ୍ରବାର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସଂଯୋଜକ ଝଜରୁ ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସ୍ଥାନୀୟ ସରପଞ୍ଚ ବିଜୟା ମାଝି ମୁଖ୍ୟ ଅତିଥି ଓ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନାଗେଶ୍ୱର ନାଏକ, ଶିକ୍ଷକ ଅଜିତ କୁମାର ଦୁର୍ଗା, ଶିକ୍ଷକ ଉତ୍ତମ କୁମାର ବିଶାଳ, ଶିକ୍ଷକ ଭଗବାନ ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷକ ଗୁନେଶ୍ୱର ନାଏକ ମଞ୍ଚ ପରିଚାଳନା କରିଥିଲେ। କୃତୀ ପ୍ରତିଯୋଗୀ ବ୍ଲକସ୍ତରୀୟ ସୁରଭିରେ ଅଂଶଗ୍ରହଣ କରିବେ ବୋଲି ସୂଚନା ଦିଆଯାଇଥିଲା।

**ଜୟପାଟଣା (ଓମ୍ ପ୍ରକାଶ ବୈଠାରୁ):** କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ସର୍ଗିଗୁଡା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଶନିବାର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ବିଦ୍ୟାଳୟରୁ ଶତାଧିକ ଛାତ୍ରୀଛାତ୍ର ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ସଭାରେ ସ୍ଥାନୀୟ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତ୍ରିଲୋଚନ ଦୁର୍ଗା ସଭାପତିତ୍ୱ କରିଥିଲେ। ଜିଲା ପରିଷଦ ସଭ୍ୟ ଜୟପାଟଣା-୨ ଦେବ ପୂଜାରୀ ମୁଖ୍ୟ ଅତିଥି ଓ ଜୟପାଟଣା ସମଗ୍ର ଶିକ୍ଷା ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ସୁରେନ୍ଦ୍ର ମୋହନ ଯୋଶୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ସାଗୁନଭା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦିବାକର ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

**ଲାଞ୍ଜିଗଡ଼ (ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପବିତ୍ର ମୋହନ ସାହୁ ମୁଖ୍ୟ ଅତିଥି, ଲାଞ୍ଜିଗଡ଼ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁଢ଼ଳଦେବ ମୁଣ୍ଡ ବିଶିଷ୍ଟ ଅତିଥି ଓ ଲାଞ୍ଜିଗଡ଼ ସରପଞ୍ଚ ସରସ୍ୱତୀ ମୁଣ୍ଡା, ଶିକ୍ଷକ ରାଧାମାଧବ ରଥ, ମମତା ମାଝି, ଜିତେନ୍ଦ୍ର ମାଝି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସେହିପରି ଗୋବର୍ଦ୍ଧନପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରପଞ୍ଚ ବୈଦେହୀ ମାଝି ମୁଖ୍ୟ ଅତିଥି ଓ ବରିଷ୍ଠ ଶିକ୍ଷକ ନଗେନ୍ଦ୍ରନାଥ ପଟ୍ଟନାୟକ, ବରିଷ୍ଠ ନାଗରିକ ପ୍ରମୋଦ କୁମାର ପରିଡ଼ା, ଆଶୁକବି ମଧୁସୂଦନ ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ୧୬ ବିଦ୍ୟାଳୟର ପ୍ରତିଯୋଗୀମାନେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।



ଥୁଆମୂଳ ରାମପୁର ବ୍ଲକ୍‌ରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି ଅତିଥି।

# ଯକ୍ଷ୍ମା ଟିକା ନେଲେ ବୟସ୍କ ମହିଳାପୁରୁଷ

**କୋକସରା,୨୮।୯(ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)**



ବୟସ୍କଙ୍କୁ ଟିକା ଦିଆଯାଉଛି।

କଳାହାଣ୍ଡି ଜିଲା କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହଠାରେ ଶନିବାର ଯକ୍ଷ୍ମା ନିରାକରଣ ପାଇଁ ଟିକାକରଣ ବ୍ୟବସ୍ଥା ଆରମ୍ଭ ହୋଇଛି। ଏଥିରେ ସିଏଚ୍‌ସି ଭାରପ୍ରାପ୍ତ ଡାକ୍ତର ତତ୍ତ୍ୱଦର୍ଶୀ ଦାସଙ୍କ ଅଧ୍ୟକ୍ଷତାରେ ତହସିଲଦାର ନବୀନ କିଶୋର ପାଢ଼ୀ ମୁଖ୍ୟ ଅତିଥି ଓ ବିଧାୟକ ପ୍ରତିନିଧି ତ୍ରିନାଥ ଶବର, ସିଡିପିଓ ସରୋଜାଲତା ଦେଈ, ପିଏଚ୍‌ଇଓ ଶର୍ମିଳା ଛତ୍ରିଆ, ସ୍ୱାସ୍ଥ୍ୟ ପରିଦର୍ଶକ କେତନ ପାତ୍ର, ବିପିଏମ୍ ସୁରଜିତ ସିଂ କୁମାର, ଆଇସିଡିଏସ୍ ସୁପରଭାଇଜର ସୋନିଆ ହେମ୍ବ୍ରମ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବୟସ ବଢ଼ିବା ସହ ରୋଗ ପ୍ରତିରୋଧକ ଶକ୍ତି କମିବାରୁ ଯକ୍ଷ୍ମା ଭଳି ରୋଗ ହେବା ସମ୍ଭାବନା ରହିଛି। ଏହି ଟିକା ନେଲେ ଆମେ ଯକ୍ଷ୍ମା ରୋଗରୁ ଦୂରେଇ ରହିପାରିବା ବୋଲି ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମରେ ଅନେକ ବୟସ୍କ ବୃଦ୍ଧାବୃଦ୍ଧ ଟିକା ନେଇଥିଲେ। ଏଏନ୍‌ଏମ୍ ଶ୍ରାବଣୀ ବଛା ଟିକା ଦେଉଥିବାବେଳେ ଆଶାକର୍ମୀ ଉପସ୍ଥିତ ରହି ସହଯୋଗ କରିଥିଲେ।

**ଗୋଲାମୁଣ୍ଡା (ବଟକୃଷ୍ଣ ପଣ୍ଡା):** କଳାହାଣ୍ଡି ଜିଲା ଗୋଲାମୁଣ୍ଡା ଚପ୍ରିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ବୟସ୍କ ବ୍ୟକ୍ତି ପାଇଁ ଯକ୍ଷ୍ମା ପ୍ରତିଷେଧକ ଟିକା ଶୁଭାରମ୍ଭ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଗୋଲାମୁଣ୍ଡା ବ୍ଲକ୍ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ସମ୍ମାନିତ ଅତିଥି ଭାବେ ଖଲିଆପାଲି ସରପଞ୍ଚ ଜିମୂତ ହରପାଲ, ଚପ୍ରିଆ ସରପଞ୍ଚ ପ୍ରତିନିଧି ନରହରି ବାଗ ପ୍ରମୁଖ ଯୋଗଦେଇଥିଲେ। ଡାକ୍ତର ସନତ କୁମାର ଶତପଥୀ ସଭା ପରିଚାଳନା କରିଥିଲେ। ଚପ୍ରିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅବନା ଭୋଇ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଶେଷରେ ବିପିଏମ୍ ସୁବ୍ରତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

**କର୍ଲାମୁଣ୍ଡା (ପ୍ରଦୀପ କୁମାର ସାହୁ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମିଳନୀ ଗୃହରେ ଶନିବାର ବୟସ୍କ ବ୍ୟକ୍ତିଙ୍କ ଯକ୍ଷ୍ମା ପ୍ରତିଷେଧକ ଟିକା ଶୁଭାରମ୍ଭ ହୋଇଛି। ଏଥିରେ ଡ଼ା.ଅଖିଳେଶ ସାମଲ, କିଶୋର ଚନ୍ଦ୍ର ଦାଶ, ପବିତ୍ର ରଣା, ରିନା ନାଗ, ଆଶିଷ ପଧାନଙ୍କ ସମେତ ସମସ୍ତ ସ୍ୱାସ୍ଥ୍ୟକର୍ମୀ ଓ ଆଶା କର୍ମୀ ଉପସ୍ଥିତ ଥିଲେ। ଏହି ଟିକାକରଣରେ ୬ଟି ବର୍ଗର ଲୋକ ଯଥା ୫ବର୍ଷ ଭିତରେ ଥିବା ଯକ୍ଷ୍ମା ରୋଗୀ, ଯକ୍ଷ୍ମାରୋଗୀଙ୍କ ସମ୍ପର୍କୀୟ, ୬୦ ବର୍ଷରୁ ଊର୍ଦ୍ଧ୍ୱ, କୁପୋଷଣ, ମଧୁମେହ ରୋଗୀ ଓ ତମାଖୁ ବ୍ୟବହାରକାରୀ ମୋଟ ୭୫୬୬ଜଣଙ୍କୁ ଟିକାକରଣ ପାଇଁ ଧାର୍ଯ୍ୟ କରାଯାଇଛି।

## ଆଇନ ସଚେତନତା ଶିବିର

**ନୂଆପଡ଼ା,୨୮।୯ (ମକାରୁ ବେମାଲ)**

ସ୍ଥାନୀୟ ମିଶନ ଶକ୍ତି ଭବନ ପରିସରରେ ଶନିବାର ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଏସିଡ ମାଡ ଉପରେ ପଥପ୍ରାନ୍ତ ନାଟକ ମାଧ୍ୟମରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ନିରଞ୍ଜନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଜଜ୍ ମିନାକ୍ଷୀ ଦାସ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପ୍ରଜ୍ଞା ପରମିତା ମହାପାତ୍ର, ମହିଳା କୋର୍ଟ ଜଜ୍ ସରୋଜିନୀ ସାହୁ, ବରିଷ୍ଠ ଦେୱାନୀ ଜଜ୍ ସୂର୍ଯ୍ୟକାନ୍ତ ଆଚାର୍ଯ୍ୟ, ଏସ୍‌ଡିଜେଏମ୍ ଗୌରବ ପୁରୋହିତ, ଜେଏମ୍‌ଏଫ୍‌ସି ନୂଆପଡ଼ା ମଧୁସ୍ମିତା ମହାପାତ୍ର, ଡିଏସ୍‌ପି ଗୁଣନିଧି ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ସାଧାରଣ ଜନତାଙ୍କୁ ସଚେତନ କରିଥିଲେ। ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ର ଏସିଡ ମାଡ ଉପରେ ଏକ ପଥପ୍ରାନ୍ତ ନାଟକ ପରିବେଷଣ କରିଥିଲେ। ଜିଲା ଆଇନସେବା ପ୍ରାଧିକରଣ ସଚିବ ନବନୀତା ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସରସ୍ୱତୀ ଶିଶୁ ମନ୍ଦିରରେ ମାତୃ କର୍ମଶାଳା

**କୋମନା,୨୮।୯(ସୋବିନ ଛତ୍ରିଆ)**

ନୂଆପଡ଼ା ଜିଲା କୋମନା ବ୍ଲକ ସରସ୍ୱତୀ ଶିଶୁ ମନ୍ଦିର ବୁଦ୍ଧିକୋମନାଠାରେ ମାତୃ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ପ୍ରଶାନ୍ତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ରଶ୍ମିରେଖା ହୋତା ମୁଖ୍ୟଅତିଥି ଓ ଯୁବରାଜ ପଟେଲ, ବିଶ୍ୱନାଥ ପାଢ଼ୀ, ଭାବଗ୍ରାହୀ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। କର୍ମଶାଳାରେ ଦୁଇଟି ଶୈକ୍ଷିକ କାଳାଂଶ ହୋଇଥିଲା। ଶିଶୁ ବାଟିକା ବିଭାଗର ଗୁରୁଜୀ ପର୍ଶୁରାମ ରାଉତ ଓ ଗୁରୁମା ସ୍ୱର୍ଣ୍ଣରେଖା ପଣ୍ଡା ଉକ୍ତ କାଳାଂଶକୁ ନେଇ ଥିଲେ। ପରେ ମା'ମାନଙ୍କୁ ନେଇ ମ୍ୟୁଜିକ ଚେୟାର ଖେଳ ହୋଇଥିଲା।

## କଲମପୁର ବ୍ଲକ ଏଓଏସ୍‌ସିଏଫ୍‌ର କର୍ମକର୍ତ୍ତା ଚୟନ

**କଲମପୁର,୨୮।୯(ଗଣେଶରାମ ବାଗ)**

କଲମପୁର ଧାନମଣ୍ଡି ପରିସରରେ ଏଓଏସ୍‌ସିଏଫ୍ (ଅଲ୍‌ଓଡ଼ିଶା ସିଡ୍ୟୁଲକାଷ୍ଟ ଫେଡେରେଶନ)ର କର୍ମକର୍ତ୍ତା ଚୟନ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସଭାପତି ଧନଞ୍ଜୟ ଦୀପ, ସମ୍ପାଦକ ଯତୀନ୍ଦ୍ର କର, କୋଷାଧ୍ୟକ୍ଷ ବିଜୟରାଜ ଶିଖା, ଆଇନଜୀବୀ ଛବିଲାଲ ନିଆଲ, ଏନ୍‌ଏସି କେସିଙ୍ଗା ସଭାପତି ବିଷ୍ଣୁ ମଙ୍ଗରାଜ, କୋକସରା ସଭାପତି କୌଶିକ ଦୁରିଆ, ଗୋଲାମୁଣ୍ଡା ବ୍ଲକରୁ ମୁନିଆ ଶିପକା ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ। ପରେ କର୍ମକର୍ତ୍ତା ଚୟନ କରାଯାଇଥିଲା। ସର୍ବସମ୍ମତିକ୍ରମେ ନୂତନ ସଭାପତି ଭାବରେ ବଳରାମ ଦୁର୍ଗା, ଉପସଭାପତି ଆଶିଷ ନାଗ ଓ ଶ୍ରୀକାନ୍ତ ଛତ୍ରିଆ, ସାଧାରଣ ସମ୍ପାଦକ ସେନାପତି ନାଏକ, ସହ ସମ୍ପାଦକ ଶରତ ସୁନାନୀ ଏବଂ କୋଷାଧ୍ୟକ୍ଷ ଭାବେ ଘନଶ୍ୟାମ ନାଏକ ନିର୍ବାଚିତ ହୋଇଥିଲେ। ପରେ ନିର୍ବାଚିତ କର୍ମକର୍ତ୍ତା ସଂଗଠନ ତଥା ସମାଜ ପାଇଁ କାର୍ଯ୍ୟ କରିବାକୁ ଶପଥପାଠ କରିଥିଲେ। ପୂର୍ବତନ ସମ୍ପାଦକ ବଳରାମ ଛତ୍ରିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମର ଫାଇଲ ଜବତ କଲା ଭିଜିଲାନ୍ସ

**କେସିଙ୍ଗା,୨୮।୯(ଡୁମେଶ୍ୱର ସାହୁ)**

କଳାହାଣ୍ଡି ଭିଜିଲାନ୍ସ ବିଭାଗ ଶନିବାର କେସିଙ୍ଗା ବ୍ଲକ କଣ୍ଟୁପଡା ପଞ୍ଚାୟତର ଘଣ୍ଟଶଳା ଗ୍ରାମରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ହୋଇଥିବା କାମର କେସ୍ ରେକର୍ଡ ଫାଇଲ ଜବତ କରି ନେଇଛି। ସୂଚନା ଅନୁଯାୟୀ ୨୦୨୩-୨୪ ଆର୍ଥିକ ବର୍ଷରେ ୧୦ ଲକ୍ଷ ଟଙ୍କା ବ୍ୟୟରେ ଘଣ୍ଟଶଳା ଗ୍ରାମର ଦେବେନ୍ଦ୍ର ସେନାପତି ଓଗେର ୧୯ ଜଣଙ୍କର ଲ୍ୟାଣ୍ଡ ଡେଭଲପମେଣ୍ଟ କାର୍ଯ୍ୟ ହୋଇଥିଲା। ଏଥିପାଇଁ ୧୯।୮।୨୦୨୩ରେ ଏକ ଜରୁରୀ ବୈଠକ କରାଯାଇ କାମ ଆରମ୍ଭ ହୋଇଥିଲା। କିନ୍ତୁ କାର୍ଯ୍ୟ ଶେଷ ଦିବସ ଉଲ୍ଲେଖ ନ ଥିଲା, ଏହି କାର୍ଯ୍ୟ ପାଇଁ ୩୯୫୩ ମୁଖ୍ୟ ଦିବସ ରହିଥିଲା। ଏହାର ତଦାରଖ ଦାୟିତ୍ୱରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପ୍ରୋଗ୍ରାମ ଅଫିସର, ନିର୍ବାହୀ ଅଧିକାରୀ ଓ ଜିଆର୍‌ଏସ୍ ରହିଥିଲେ। ଭିଜିଲାନ୍ସ ବିଭାଗ ଏହାର ଯାଞ୍ଚ କରିବା ପରେ ଯଦି କିଛି ଅନିୟମିତତା ଥାଏ ତେବେ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଜଣାପଡିଛି। ସୂଚନାଯୋଗ୍ୟ, ଉକ୍ତ ଗ୍ରାମ ପଞ୍ଚାୟତରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ଗ୍ରାମବାସୀ ଭିଜିଲାନ୍ସଙ୍କୁ ଲିଖିତ ଅଭିଯୋଗ କରିଥିଲେ।

## ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟରେ ସ୍ୱାଗତ ଉତ୍ସବ

**ତୁଣ୍ଡଲା,୨୮।୯ (ଫିରୋଜ କୁମାର ଦାଶ)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ୍ ବେଲଖଣ୍ଡି ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟରେ ଶୁକ୍ରବାର ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କୁ ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରୀଛାତ୍ର ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ଦୁର୍ଯ୍ୟୋଧନ ଦାଶ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବ୍ୟଙ୍ଗକବି ତଥା ଅଭିନେତା ସୁଶାନ୍ତ କୁମାର ମିଶ୍ର ଯୋଗଦେଇ ଦିଗ୍‌ଦର୍ଶନ ଦେଇଥିଲେ । ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ମକଲିଙ୍ଗ ଗହୀର, ଅଧ୍ୟାପକ ସଦାନନ୍ଦ ଶତପଥୀ, ଅଧ୍ୟାପକ ଡ. ମଦନମୋହନ ସାହୁ, ଅଧ୍ୟାପକ ଦୁର୍ଯ୍ୟୋଧନ ବିଶୋଇ, ଅଧ୍ୟାପିକା ସ୍ୱାତୀ ପଧାନ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। କଲେଜ ଅଧ୍ୟକ୍ଷ ଛାତ୍ରୀଛାତ୍ରଙ୍କୁ ଶୃଙ୍ଖଳା, କର୍ତ୍ତବ୍ୟନିଷ୍ଠା, ବିନମ୍ରତା ଭାବ ଅତ୍ୟନ୍ତ ଜରୁରୀ ବୋଲି କହିଥିଲେ। ଅଧ୍ୟାପିକା ସ୍ୱାତୀ ପଧାନ ଧନ୍ୟବାଦ ଦେଇଥିଲେ।

# ଭେଟ୍‌ଘାଟ୍‌ରେ ଏକଜୁଟ ହୋଇପାରୁଛନ୍ତି ଶ୍ରମିକ ବର୍ଗ

**ନୂଆପଡ଼ା,୨୮।୯ (ମକାରୁ ବେମାଲ)**

ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ କୁରୁମପୁରି ପଞ୍ଚାୟତ ଘାଟିପଡ଼ା ସାଇ କଲେଜ ପ୍ରାଙ୍ଗଣରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ଓ ଜିଲା ଶ୍ରମିକ ମହାସଂଘ ମିଳିତ ଆନୁକୂଲ୍ୟରେ ଶନିବାର ନୂଆଁଖାଇ ଭେଟ୍‌ଘାଟ୍ ଅନୁଷ୍ଠିତ ହୋଇଯାଇଛି। ଶ୍ରମିକନେତା ଯଦୁମଣି ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କଳାହାଣ୍ଡି ଏମ୍‌ପି ମାଳବିକା ଦେବୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଭେଟ୍‌ଘାଟ୍ ମାଧ୍ୟମରେ ଜିଲାର ଶ୍ରମିକ ବର୍ଗର ସମସ୍ତେ ଏକଜୁଟ ହୋଇପାରୁଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ଏଥିରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଗରିବ କଲ୍ୟାଣ, ଶ୍ରମିକ କଲ୍ୟାଣ ନୀତିକୁ ସ୍ୱାଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶ୍ରମିକ ନେତା ସୁଖଦେବ ସାହୁ, ଭକ୍ତବନ୍ଧୁ ଧରୁଆ, ପ୍ରଦୀପ ଦଣ୍ଡସେନା, ଶୁକ୍ଳାମ୍ବର ନିଆଲ, ଜ୍ଞାନେଶ୍ୱର ବାଗ, ଜ୍ଞାନେଶ୍ୱର ସାହୁ, କୁଶଳ ସାହୁ, ବଳଧର କେତକି, ଦିଗମ୍ବର ମାଝି, ଶ୍ରୀନିବାସ ବେହେରା, କୋକିଳ ସାହୁ, ଭାସ୍କର ପ୍ରଧାନ, ଗୌତମ ବରିହା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ ।



ନୂଆଖାଇ ଭେଟ୍‌ଘାଟରେ ଅତିଥିଙ୍କ ସହ ଅନ୍ୟମାନେ।

# ଜିଲାସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ

**ଭବାନୀପାଟଣା,୨୮।୯(ଉତ୍ତମ କୁମାର ଦାଶ)**



ଅତିଥିଙ୍କ ସହ ପୁରସ୍କୃତ ଲୋକନୃତ୍ୟ ଦଳ।

**ଜୟନ୍ତପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଥମ**

କଳାହାଣ୍ଡି ଜିଲା ଭବାନୀପାଟଣା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଆନୁକୂଲ୍ୟରେ ଜିଲାସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାରଙ୍କ ମାର୍ଗଦର୍ଶନ ତଥା ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ସାହୁଙ୍କ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବାଳିକା ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ବବିତା ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ପ୍ରାକ୍ତନ ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ପ୍ରକାଶ ନିଶଙ୍କ ସମ୍ମାନିତ ଅତିଥି ଓ ମୁଖ୍ୟ ଅତିଥି ତଥା ବିଚାରକ ଭାବେ ଜୁନାଗଡ଼ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନେପାଳ ଚନ୍ଦ୍ର ବାଗ ଯୋଗ ଦେଇଥିଲେ। ଅନ୍ୟ ବିଚାରକ ରୂପେ ଡିଆଇଇଟିର ଶିକ୍ଷକ ପ୍ରଶିକ୍ଷକ ଈଶ୍ୱର ଚନ୍ଦ୍ର ବେହେରା ଓ ଜଣାଶୁଣା ନୃତ୍ୟଶିଳ୍ପୀ ଶତାବ୍ଦୀ ନାୟକ ଉପସ୍ଥିତ ଥିଲେ। ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଦୁଷ୍ମନ୍ତ ଶେଖର ପାଢ଼ୀ ସ୍ୱାଗତ ସମ୍ଭାଷଣ ଦେଉଥିବା ବେଳେ ସୋମନାଥ ସାହୁ ମଞ୍ଚ ପରିଚାଳନା ଓ ଧନ୍ୟବାଦ ଦେଇଥିଲେ। ପ୍ରତିଯୋଗିତାରେ ବିଭିନ୍ନ ବ୍ଲକରୁ ନୃତ୍ୟଦଳ ଭାଗ ନେଇଥିଲେ। ପ୍ରଥମ ନୃତ୍ୟ ଦଳ ଭାବେ ଧର୍ମଗଡ଼ ବ୍ଲକ ଜୟନ୍ତପୁର ସରକାରୀ ଉଚ୍ଚ ବିଦ୍ୟାଳୟ, ଦ୍ୱିତୀୟ ନୃତ୍ୟ ଦଳ ଭାବେ ଜୁନାଗଡ଼ ବ୍ଲକ ମଥିରା ରାଧାକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ତୃତୀୟ ନୃତ୍ୟ ଦଳ ଭାବେ ଭବାନୀପାଟଣା ସହର ବାଳିକା ଉଚ୍ଚ ବିଦ୍ୟାଳୟ ପୁରସ୍କୃତ ହୋଇଥିଲେ। ପ୍ରଥମ ଲୋକ ନୃତ୍ୟ ଦଳ ଅକ୍ଟୋବର ମାସରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବ। ଏହି କାର୍ଯ୍ୟକ୍ରମରେ ଜିଲାର ସମସ୍ତ ବ୍ଲକରୁ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର କଳାକାର ରୂପେ ଯୋଗ ଦେଇଥିଲେ। ଶିକ୍ଷକ ବସନ୍ତ ସାମନ୍ତରାୟ, ଶିକ୍ଷୟିତ୍ରୀ ବର୍ଷାରାଣୀ ତ୍ରିପାଠୀ, ଗୀତାଞ୍ଜଳି ବ୍ରହ୍ମା, ରଶ୍ମି ରାଣୀ ପଣ୍ଡା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ବାଉଁଶୁଣୀ,୨୮।୯(ଦେବାଶିଷ ନେପାକ)

ବୌଦ୍ଧ ବ୍ଲକ ଅନ୍ତର୍ଗତ ବହିରା ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶନିବାର କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବହିରା କ୍ଲଷ୍ଟର ସିଆରସିସି ତୋଷଣ କୁମାର ମହାକୁଳଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା । ବୌଦ୍ଧ ବ୍ଲକ ଅତିରିକ୍ତ ଶିକ୍ଷାଅଧିକାରୀ ପ୍ରବିର ରଥ, ହାଇସ୍କୁଲ ଶିକ୍ଷକ ଦେଶବନ୍ଧୁ ମହାକୁଳ, ବହିରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗଣ୍ଡାରାମ ସାହୁ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ । ଶିକ୍ଷକ ଶିରୀଶ କୁମାର ଗାଇଗୌରିଆ, ବିଶ୍ୱମୋହନ ନାୟକ, ଲାଳମଣି ଖଟୁଆ, ପ୍ରକାଶ ମେହେର, ହିମାଂଶୁ ଶେଖର ବିଶି, ଗିରିଶ ମହାକୁଳ ଓ ଶିକ୍ଷୟିତ୍ରୀ ସସ୍ମିତା ଜେନା, ବବିତା ଭୋଇ, ଲବଙ୍ଗଲତା ଅଧିକାରୀ, ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ହାଡିବନ୍ଧୁ ସାହୁ, ପ୍ରକାଶ ପୁରୋହିତ ପ୍ରମୁଖ ସହଯୋଗ କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା ।

# ମାସିକ ୧୬ ବଦଳରେ ମିଳୁଛି ୧୧

ସୋନପୁର,୨୮।୯(ମୃତ୍ୟୁଞ୍ଜୟ ଶତପଥୀ)



### କିଶୋରୀ ବାଳିକାଙ୍କୁ ଅଣ୍ଡା ପ୍ରଦାନରେ ଅନିୟମିତତା

କିଶୋରୀମାନଙ୍କୁ ସ୍ୱାସ୍ଥ୍ୟବାନ କରିବା ପାଇଁ ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା(ଏମ୍‌ଏସ୍‌ପି) ପ୍ରଣୟନ କରିଛନ୍ତି। ୧୫ ରୁ ୧୯ ବର୍ଷର ସମସ୍ତ କିଶୋରୀ ବାଳିକାଙ୍କୁ ଉପଯୁକ୍ତ ପୁଷ୍ଟି ସାଧନ ଉଦ୍ଦେଶ୍ୟରେ ଏହି ଯୋଜନା କରାଯାଇଛି। ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଏହି ଯୋଜନାରେ ସମସ୍ତ କିଶୋରୀଙ୍କୁ ମାସିକ ୧୬ଟି ଅଣ୍ଡା ପ୍ରଦାନ ପାଇଁ ଅନୁଦାନ ଯୋଗାଇ ଦିଆଯାଉଛି। ତେବେ ସୁବର୍ଣ୍ଣପୁର ଜିଲାରେ ଏହି ଯୋଜନାରେ ଅଣ୍ଡା ପ୍ରଦାନରେ ଅନିୟମିତତା ହେଉଥିବା ଅଭିଯୋଗ ହେଉଛି। ହିତାଧିକାରୀଙ୍କୁ ଅଙ୍ଗନୱାଡି କର୍ମୀମାନେ ମାସିକ ୧୦ରୁ ୧୧ଟି ଅଣ୍ଡା ଦେଉଛନ୍ତି। ଅଣ୍ଡା ଦର ଅଧିକ ଥିବା ଆଳରେ ସରକାରୀ ନିୟମକୁ ଉଲ୍ଲଂଘନ କରାଯାଉଛି। ଜିଲାର ସମସ୍ତ ବ୍ଲକରେ ଅଣ୍ଡା ପ୍ରଦାନରେ ଦୁର୍ନୀତି ହେଉଥିବା ଜଣାପଡିଛି। ଗତ ଜାନୁୟାରୀ ମାସ ଠାରୁ ଏଭଳି ଚାଲି ଆସିଛି। ବ୍ଲକ ଓ ଜିଲାସ୍ତରୀୟ ଅଧିକାରୀ ଏସବୁ ଜାଣି କୌଣସି କାରଣରୁ ଚୁପ୍ ରହୁଛନ୍ତି। ଏହି ଘଟଣାର ଏକ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

ସୂଚନା ଅନୁଯାୟୀ ଏମ୍‌ଏସ୍‌ପି ଯୋଜନାରେ ଜିଲାର ୧୯ ହଜାରରୁ ଉର୍ଦ୍ଧ୍ୱ କିଶୋରୀ ବାଳିକାଙ୍କୁ ମାସିକ ୧୬ଟି ଅଣ୍ଡା ପ୍ରଦାନ କରାଯିବାର ନିୟମ ରହିଛି। ଜିଲାର କେତେକ ବ୍ଲକରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ଅନ୍ୟ ସ୍ଥାନରେ ଅଙ୍ଗନୱାଡି କର୍ମୀ ଅଣ୍ଡା କିଣି ହିତାଧିକାରୀଙ୍କୁ ପ୍ରଦାନ କରୁଛନ୍ତି। ମାତ୍ର ସବୁଠି ହିତାଧିକାରୀଙ୍କୁ କମ୍ ସଂଖ୍ୟକ ଅଣ୍ଡା ଦିଆଯାଉଛି। ସୋନପୁର ବ୍ଲକରେ ସ୍ପେଶାଲ ନ୍ୟୁଟ୍ରିସନ ପ୍ରୋଗ୍ରାମ(ଏସ୍‌ଏନ୍‌ପି)ରେ ନିୟମ ଅନୁଯାୟୀ ୬ ମାସରୁ ୩ ବର୍ଷ ଶିଶୁଙ୍କ ପାଇଁ ମାସିକ ୧୨ଟି ଅଣ୍ଡା ଦିଆଯାଉଛି। ଗର୍ଭବତୀ ମହିଳା ଓ ପ୍ରସୂତି ମହିଳାଙ୍କୁ ମଧ ମାସିକ ୧୨ଟି ଅଣ୍ଡା ପ୍ରଦାନ କରାଯାଉଛି। କିନ୍ତୁ କିଶୋରୀ ବାଳିକା ମାନଙ୍କୁ ୪ ରୁ ୫ଟି ଅଣ୍ଡା କମ୍ ଦିଆଯାଉଛି। ଦାୟିତ୍ୱରେ ଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠି କମ୍ ଅଣ୍ଡା ଦେଉଥିବା ସୋନପୁର ବ୍ଲକର ଅଙ୍ଗନୱାଡି କର୍ମୀମାନେ ଅଭିଯୋଗ କରିଛନ୍ତି। ତେବେ ବୀରମହାରାଜପୁର, ଉଲୁଣ୍ଡା, ବିନିକା, ତରଭା ଓ ଡୁଙ୍ଗୁରିପାଲି ବ୍ଲକରେ କିଶୋରୀ ବାଳିକାଙ୍କ ସମେତ ଗର୍ଭବତୀ ମହିଳା, ପ୍ରସୂତି ମହିଳା, ୬ରୁ ୩ବର୍ଷର ଶିଶୁ ଓ ଅତିଶୟ ଅପପୁଷ୍ଟି ଶିଶୁଙ୍କୁ ଅଣ୍ଡା, ଛତୁଆ, ମୁଢ଼ୀ, ବାଦାମ ଲଡୁ ଓ ଚଣା ପ୍ରଦାନରେ ଦୁର୍ନୀତି ହେଉଥିବା ଅଭିଯୋଗ ହେଉଛି। ଅଣ୍ଡା କମ୍ ଦିଆ ଯାଉଥିବା ବେଳେ ଛତୁଆର ମାନ ଠିକ୍ ରହୁନାହିଁ। ଛତୁଆ ପ୍ରସ୍ତୁତି ସମୟରେ ଦାୟିତ୍ୱରେ ରହୁଥିବା ଅଧିକାରୀ ତଦାରଖ କରୁନାହାନ୍ତି। ଅନ୍ୟପକ୍ଷେ ବଜାରରେ ଅଣ୍ଡା ଦର ଅଧିକ ରହୁଥିବାରୁ ପ୍ରାକ୍ତନ ଜିଲାପାଳଙ୍କ ମୌଖିକ ନିର୍ଦ୍ଦେଶ କ୍ରମେ ଜିଲାର ହିତାଧିକାରୀଙ୍କୁ କମ୍ ସଂଖ୍ୟକ ଅଣ୍ଡା ପ୍ରଦାନ କରାଯାଉଥିବା ଜଣେ ଅଧିକାରୀ ନିଜ ନାମ ଗୋପନ ରଖି କହିଛନ୍ତି। ଏ ସମ୍ପର୍କରେ ଜିଲା ସମାଜ ମଙ୍ଗଳ ଅଧିକାରୀ ଅନୁପମା ପଣ୍ଡା କୁହନ୍ତି, ସିଡିପିଓ ଓ ସୁପରଭାଇଜରମାନେ ସ୍ଥାନୀୟସ୍ତରରେ ଏସବୁ ତଦାରଖ କରୁଛନ୍ତି। ତେବେ ବର୍ତ୍ତମାନ ଅଣ୍ଡାଦର ଅଧିକ ଥିବାରୁ ବଜାର ଦର ଅନୁସାରେ କିଶୋରୀ ବାଳିକା, ଶିଶୁ ଓ ଗର୍ଭବତୀ ମହିଳାଙ୍କୁ ଅଣ୍ଡା ଦିଆ ଯାଉଥିବା ସେ ସ୍ୱୀକାର କରିଛନ୍ତି।

# ବ୍ଲକ୍‌ସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ



ନୂଆଁଖାଇ ଭେଟ୍‌ଘାଟରେ ମଞ୍ଚାସୀନ ଅତିଥି ।

ଉଲୁଣ୍ଡା, ୨୮।୯(ଉରୁକ୍ରମ ପାଣ୍ଡିଆ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଗଣ୍ଡାବହାଲଠାରେ ୧୫ତମ ନୂଆଁଖାଇ ଭେଟ୍‌ଘାଟ ଅନୁଷ୍ଠିତ ହୋଇଯାଇଛି। ବଳରାମ ସୁନାଙ୍କ ସଭାପତିତ୍ୱରେ ହୋଇଥିବା ଏହି କାର୍ଯକ୍ରମରେ ମୁଖ୍ୟ ଅତିଥି ଭାବେ ବୟନିକା ସଭାପତି ପ୍ରକାଶ ଚନ୍ଦ୍ର ମେହେର, ମୁଖ୍ୟବକ୍ତା ଯଶୋବନ୍ତ ପଣ୍ଡା, ସମ୍ମାନୀତ ଅତିଥି ସଞ୍ଜୀବ କୁମାର ରାଉତ, ହରିଶଙ୍କର ତରାଇ, ସନାତନ ମହଲିଙ୍ଗ ସରପଞ୍ଚ ଏସ.ପତ୍ରପାଲି, ଉଲୁଣ୍ଡା ଏଏସଆଇ ବସନ୍ତ ରଥ, ସମିତି ସଭ୍ୟ ବିଶିପଡ଼ା କରୁଣା ଖେତି, ଲୟତରା ସମିତି ସଭ୍ୟ ମହେନ୍ଦ୍ର ଭୋଇ ଯୋଗ ଦେଇଥିଲେ। ସମାଜସେବୀ କ୍ଷୀରସାଗର ବିଭାର, ସମିତ ମହାକୁର, ଯୋଗ ଗୁରୁ ହୃଷୀକେଶ ଦେହୁରୀ, ମୃଦଙ୍ଗ ବାଦକ ଯୁଗେଶ୍ୱର ମେହେର, କଂସ ମହାରାଜ ଭୁବନେଶ୍ୱର ପ୍ରଧାନ, ନିରଞ୍ଜନ ରଥ, କୋଶଳୀ କବି ନୀତିଶ ଆଚାର୍ଯ୍ୟ, ଦେବେନ୍ଦ୍ର ସାହୁ ପ୍ରମୁଖଙ୍କୁ ଆନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଶ୍ୱଜିତ ପାତ୍ର ମଞ୍ଚ ପରିଚାଳନା କରିଥିବା ବେଳେ ସୁଜିତ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା।

# କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ



ବୀରମହାରାଜପୁର ୟୁପି ସ୍କୁଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ଅମରପାଲି,୨୮।୯(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବିଭିନ୍ନ କ୍ଲଷ୍ଟରରେ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୀରମହାରାଜପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ସନ୍ତୋଷିନି ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସୁରଭିରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାର ମୁଖ୍ୟ ଅତିଥି, ସମ୍ମାନୀତ ଅତିଥି ଭାବେ ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଭୂଷଣ କୁମାର ପାତ୍ର, ସିଆରସିସି ମନୋଜ ଦାସ ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଅମରପାଲି ୟୁପି ସ୍କୁଲରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସିଆରସିସି କନ୍ଧୁ ପ୍ରଧାନ ଏହାକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ କ୍ଲଷ୍ଟରର ୧୧ଟି ସ୍କୁଲର ୧୩୦ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଛାତ୍ରୀଛାତ୍ରଙ୍କୁ ନେଇ ଜୁନିୟର ଓ ସିନିୟର ବର୍ଗରେ ସଙ୍ଗୀତ, ଚିତ୍ରାଙ୍କନ, ବକ୍ତୃତା, ତର୍କ, ପ୍ରବନ୍ଧ ଲିଖନ, ସୃଜନଶୀଳ ଲିଖନ, ସୁନ୍ଦର ହସ୍ତାକ୍ଷର ଲିଖନ, ଅଙ୍କ ଦୌଡ଼, କୁଇଜ, ନୃତ୍ୟ ଆଦି ପ୍ରତିଯୋଗିତା କରାଯାଇଥିଲା। ଶିକ୍ଷକ ରାମନାରାୟଣ ହୋତା, ଗୌତମ ବାରିକ, ବେଲାରସେନ ଭୋଇ, ଦେବକାନ୍ତ ପଧାନ, ମାଧବ ମହାକୁର, ସତ୍ୟନାରାୟଣ ସାହୁ, ଭରତ ପ୍ରଧାନ,ଗୋପୀନାଥ ମହାକୁର, ପ୍ରଦୀପ ଜଗଦଲା ବିଚାରକଭାବେ ଯୋଗଦେଇଥିଲେ। ତନ୍ମଧ୍ୟରୁ ପ୍ରତି ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ବ୍ଲକସ୍ତରୀୟ ସୁରଭି ପାଇଁ ମନୋନୀତ କରାଯାଇଛି। ଅପରାହ୍ନ ସ୍ଥାନୀୟ ୟୁପି ସ୍କୁଲରେ ପ୍ରଧାନ ଶିକ୍ଷକ ଦୁଃଖିଶ୍ୟାମ ଭୋଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବସନ୍ତ କୁମାର ସାହୁ ମୁଖ୍ୟ ଅତିଥି, ସିଆରସିସି କନ୍ଧୁ ଭୋଇ, ଅମରପାଲି ହାଇସ୍କୁଲ ବିଜ୍ଞାନ ଶିକ୍ଷକ ପଦ୍ମନାଭ ପ୍ରଧାନ ସମ୍ମାନୀତ ଅତିଥିଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷକ ପ୍ରାଣବନ୍ଧୁ ସାହୁ ସଭା ସଂଯୋଜନା କରିଥିଲେ। ଶୁଭାଶିଷ ମିଶ୍ର ଅତିଥି ପରିଚୟ ପ୍ରଦାନ, ତପକିରଣ ସାହୁ ସ୍ୱାଗତ ଭାଷଣ ପ୍ରଦାନ ଓ ଯଦୁମଣି ବାଘ ଧନ୍ୟବାଦ ଅର୍ପଣ କରିଥିଲେ।

## ରିଟ୍ ପିଟିଶନ ଗ୍ରହଣ କଲେନି ହାଇକୋର୍ଟ

### ପାଇକବାହାଲ ସରପଞ୍ଚ ପଦ ହରାଇବା ଘଟଣା

ସୋନପୁର,୨୮।୯(ମୃତ୍ୟୁଞ୍ଜୟ ଶତପଥୀ)

ଲଗାତର ଭାବେ ତିନୋଟି ମାସିକ ପଞ୍ଚାୟତ ବୈଠକ ନ କରିବାରୁ ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ପାଇକବାହାଲ ପଞ୍ଚାୟତର ସରପଞ୍ଚ ଗଣନାଥ ସାହୁ ନିଜ ପଦ ହରାଇଥିଲେ। ଜିଲାପାଳ ଅନ୍ୟା ଦାସ ଗତ ୧୨ ତାରିଖ ସରପଞ୍ଚ ସାହୁଙ୍କୁ ପଦଚ୍ୟୁତ କରିଥିଲେ। ଜିଲାପାଳଙ୍କ ଏହି ରାୟ ବିରୋଧରେ ସାହୁ ଓଡ଼ିଶା ହାଇକୋର୍ଟରେ ଏକ ରିଟ୍ ପିଟିସନ ଦାଖଲ କରିଥିଲେ। ତେବେ ହାଇକୋର୍ଟ ତାଙ୍କର ରିଟ୍ ପିଟିସନକୁ ଗ୍ରହଣ କରିନାହାନ୍ତି। ଏ ସମ୍ପର୍କରେ ହାଇକୋର୍ଟ ଏକ ଆଦେଶନାମା ଗତ ୨୫ ତାରିଖରେ ଦେବା ସହ ଉପଯୁକ୍ତ କୋର୍ଟରେ ଅପିଲ କରିପାରିବେ ବୋଲି ଦର୍ଶାଇଛନ୍ତି। ପ୍ରକାଶ ଯେ, ୨୦୨୨ ଅକ୍ଟୋବର, ନଭେମ୍ବର ଓ ଡିସେମ୍ବର ମାସରେ ପଞ୍ଚାୟତର ମାସିକ ବୈଠକ ହୋଇ ନ ଥିବା ସମ୍ପର୍କରେ ପଞ୍ଚାୟତର ୭ ୱାର୍ଡ ସଭ୍ୟ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ମିଳିବା ପରେ ତତ୍କାଳୀନ ଜିଲାପାଳ ଏହାର ତଦନ୍ତ କରି ରିପୋର୍ଟ ଦେବାକୁ ଜିଲା ପଞ୍ଚାୟତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲା ପଞ୍ଚାୟତ ଅଧିକାରୀ ଅଭିଯୋଗର ତଦନ୍ତ କରି ଏଥିରେ ସତ୍ୟତା ଥିବା ସମ୍ପର୍କରେ ଜିଲାପାଳଙ୍କୁ ଜଣାଇଥିଲେ। ଉଭୟ ପକ୍ଷଙ୍କ ମତାମତ ଓ ଆବଶ୍ୟକ କାଗଜାତକୁ ତର୍ଜମା କରିବା ପରେ ଜିଲାପାଳ ଦାସ ଓଡ଼ିଶା ଗ୍ରାମ ପଞ୍ଚାୟତ ଆଇନ ୧୯୬୪ ର ଧାରା ୧୧୫(୬)(କ)ରେ ଥିବା ବ୍ୟବସ୍ଥା ଅନୁଯାୟୀ ସାହୁଙ୍କୁ ସରପଞ୍ଚ ପଦରୁ ପଦଚ୍ୟୁତ କରିବା ସହ ନାଏବ ସରପଞ୍ଚଙ୍କୁ ସରପଞ୍ଚ ଦାୟିତ୍ୱ ନିର୍ବାହ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

# ଏସ୍‌ଡିସିସି ବ୍ୟାଙ୍କର ସାଧାରଣ ସଭା



ସାଧାରଣ ସଭାରେ ଏସ୍‌ଡିସିସି ବ୍ୟାଙ୍କର କାର୍ଯ୍ୟକର୍ତ୍ତା ।

ବରଗଡ଼,୨୮।୯(ପ୍ରେମାନନ୍ଦ ଖମାରୀ)

ସମ୍ବଲପୁର ଜିଲା ସମବାୟ କେନ୍ଦ୍ର(ଏସ୍‌ଡିସିସି) ବ୍ୟାଙ୍କ ଲିଃ ବରଗଡ଼ର ବାର୍ଷିକ ସାଧାରଣ ସଭା ସ୍ଥାନୀୟ ସ୍ୱୟଂସିଦ୍ଧା ଭବନରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ବ୍ୟାଙ୍କ ପରିଚାଳନା ପରିଷଦ ସଭାପତି ନରେନ୍ଦ୍ର ପ୍ରଧାନ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ବ୍ୟାଙ୍କ ପରିଚାଳନା ପରିଷଦର ସଦସ୍ୟା, ସଦସ୍ୟ, ବିଭିନ୍ନ ଅଂଶୀଦାର ସଭ୍ୟ ସମିତି ଗୁଡ଼ିକର ପ୍ରତିନିଧି, ବରଗଡ଼ ଏଏଜିସିଏସ୍‌ଙ୍କ ପ୍ରତିନିଧି ବସନ୍ତ ମଲ୍ଲିକ, ଡିଆରସିଏସ୍‌ଙ୍କ ପ୍ରତିନିଧି ବାଦଲ କୁମାର ସାହାଣି, ଏଆରସିସିଏସ୍ ନିରଞ୍ଜନ ସେଠ, ସିଡ଼ିଏଓଙ୍କ ପ୍ରତିନିଧି ଡଃ ଅଞ୍ଜନ କୁମାର ନାଏକ, କେଏସିସିଏମର ପ୍ରିନ୍ସିପାଲ ଧର୍ମେନ୍ଦ୍ର କୁମାର ସାବତ ପ୍ରମୁଖ ଯୋଗଦେଇ ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ସଭାପତି ତାଙ୍କ ଅଭିଭାଷଣରେ ବ୍ୟାଙ୍କର ସାମ୍ପ୍ରତିକ ସ୍ଥିତି ଉପରେ ଆଲୋକପାତ କରିଥିଲେ। ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭକ୍ତେଶ୍ୱର ମଲ୍ଲିକ ୨୦୨୩-୨୪ବର୍ଷର ବିବରଣୀ ପଠନ କରିବା ସହିତ ୨୦୨୪-୨୫ ବର୍ଷ ପାଇଁ ବ୍ୟାଙ୍କର ପ୍ରସ୍ତାବିକ କାର୍ଯ୍ୟକ୍ରମଗୁଡ଼ିକୁ ଉପସ୍ଥାପନ କରିଥିଲେ। ଏହାସହିତ ସମିତି ଓ ବ୍ୟାଙ୍କର ବିଭିନ୍ନ ଅସୁବିଧା, ସମସ୍ୟା ଉପରେ ଆଲୋଚନା ସହିତ ଆବଶ୍ୟକ ସିଦ୍ଧାନ୍ତ ଗ୍ରହଣ କରାଯାଇଥିଲା। ପରିଷଦର ସଦସ୍ୟ ଉମାକାନ୍ତ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଶିକ୍ଷକ, ଅଭିଭାବକ ବୈଠକ

ବରଗଡ଼,୨୮।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ ପଞ୍ଚାୟତ ମହାବିଦ୍ୟାଳୟ ଗଣିତ ଓ ପରିସଂଖ୍ୟାନ ବିଭାଗ ତରଫରୁ ଶିକ୍ଷକ, ଅଭିଭାବକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ଡଃ ନକୁଳ ସେଠଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଗଣିତ ବିଭାଗ ମୁଖ୍ୟ ଡଃ ରୋଜାଲିନ ଦାଶ ସ୍ୱାଗତ ଭାଷଣ ସହିତ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଅଧ୍ୟକ୍ଷ ସେଠ ମହାବିଦ୍ୟାଳୟର ନୀତି, ନିୟମ ବିଷୟରେ ସଭାରେ ଅବଗତ କରିଥିଲେ। ସହକାରୀ ପ୍ରଫେସର ଡଃ ଅଭିଳାଷ ସାହୁ ଗଣିତ ବିଭାଗର ନୀତି, ନିୟମ ସୂଚାଇବା ସହିତ ନିୟମିତ କ୍ଲାସ ଆସିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସହକାରୀ ପ୍ରଫେସର ମୃତ୍ୟୁଞ୍ଜୟ ମଲିକ, ଅଧ୍ୟାପକ ରାମାନୁଜ ମିଶ୍ର ଗଣିତ ଓ ପରିସଂଖ୍ୟାନ ବିଷୟ ଅଧ୍ୟୟନ କରି ସାରିବା ପରେ ରହିଥିବା ନିଯୁକ୍ତି ସୁବିଧା ସୁଯୋଗ ଉପରେ ସୂଚନା ପ୍ରଦାନ କରିଥିଲେ। ଏହା ସହିତ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଛାତ୍ରୀଛାତ୍ରଙ୍କୁ ଭାଗ ନେବାକୁ ପରାମର୍ଶ ଦେଇଥିଲେ। ଶୈକ୍ଷିକ ବାତାବରଣ, ଶିକ୍ଷାଦାନର ବିଭିନ୍ନ କଥାକୁ ନେଇ ଉପସ୍ଥିତ ଅଭିଭାବକମାନେ ମତାମତ ଉପସ୍ଥାପନ କରିଥିଲେ। ଶ୍ରେଣୀଗୃହରେ ଶତ ପ୍ରତିଶତ ଉପସ୍ଥାନ ହାର ରଖିଥିବା ଛାତ୍ରୀଛାତ୍ରଙ୍କୁ ବିଭାଗ ତରଫରୁ ସମ୍ମାନିତ କରାଯାଇଥିଲା। ଅଧ୍ୟାପକ ସୁଶାନ୍ତ ପ୍ରଧାନ ସଭାକାର୍ଯ୍ୟକୁ ପରିଚାଳନା କରିଥିଲେ। ଅଧ୍ୟାପିକା ସୁଶ୍ରୀ ଡଲେଶ୍ୱରୀ ବରିହା ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜନୀତି ବିଜ୍ଞାନ ବିଭାଗ ନୂତନ କକ୍ଷ, ପ୍ରାଚୀର ପତ୍ର ଉଦ୍‌ଘାଟିତ

ଅମରପାଲି, ୨୮।୯(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ନୂତନ କକ୍ଷ ପରିଚାଳନା ସମିତି ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଅଧକ୍ଷ ଡ. ହିମାଂଶୁ ଶେଖର ପାଢୀ, ବିଭାଗ ମୁଖ୍ୟ ଶିବ କୁମାର ପୁରୋହିତ, ଅଧାପକ ନରେନ୍ଦ୍ର ଝା ଓ ଅଧାପକ ସ୍ମୃତିରଞ୍ଜନ ଭରାସାଗର ଉପସ୍ଥିତ ଥିଲେ। ଏହାପରେ ବିଭାଗ ପ୍ରାଚୀର ପତ୍ର ‘ପଲିଟିକସ’ ଅଧକ୍ଷଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ପରେ ଅଧକ୍ଷ ଡ. ପାଢୀଙ୍କ ସଭାପତିତ୍ୱ ଓ ଅଧାପକ ଝାଙ୍କର ସଂଯୋଜନାରେ ମାନବିକ ଅଧିକାର ସମ୍ପର୍କରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରିୟଙ୍କା ପଧାନ, ଅଙ୍କିତା ପୁରୋହିତ, ଅଙ୍କିତା ପାଣିଗ୍ରାହୀ, ବିମଳ କୁମାର କୁମ୍ଭାର, ଜୋର୍ତିମୟୀ ସାହୁ ଓ ଝରଣା ମହାକୁର ପ୍ରବନ୍ଧ ଉପସ୍ଥାପନ କରିଥିଲେ। ବିଭାଗ ମୁଖ୍ୟ ପୁରୋହିତ ବିଷୟଭିତ୍ତିକ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧାପକ ଭରାସାଗର ଧନ୍ୟବାଦ ଅର୍ପଣ କରିଥିଲେ।

# ଟାଏକୋଣ୍ଡୋ କ୍ରୀଡ଼ାବିତ୍‌ଙ୍କୁ କ୍ରୀଡ଼ା ସମ୍ମାନ



ଅମରପାଲି,୨୮।୯(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଅମୂଲ୍ୟମଣି ରାଣୀପୁର ଗ୍ରାମର ଅନ୍ତର୍ଜାତୀୟ ଟାଏକୋଣ୍ଡୋ କ୍ରୀଡାବିତ ଓ କୋଚ ଏହେସାସ ହୋତାଙ୍କୁ ଭୁବନେଶ୍ୱର ଗୀତ ଗୋବିନ୍ଦ ସଦନଠାରେ ମାସିକ ସମ୍ବାଦ ଭିତ୍ତିକ ପତ୍ରିକା ଦୂରଦର୍ଶୀ ତରଫରୁ ଏକ ସମାରୋହରେ ଦୂରଦର୍ଶୀ କ୍ରୀଡା ସମ୍ମାନରେ ସମ୍ମାନିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ହକି ଖେଳାଳୀ ଅମିତ ରୋହିଦାସ, ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ଦୂରଦର୍ଶୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଦୁର୍ଗା ପ୍ରସାଦ ସାମନ୍ତରାୟ ଓ ଅନ୍ୟାନ୍ୟ ଅତିଥିମାନେ ଉପସ୍ଥିତ ଥିଲେ।

# ଉତ୍ପାଦକ,ଖାଉଟିଙ୍କ ସହ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ

ପଦ୍ମପୁର,୨୮।୯ (ପ୍ରଦୀପ୍ତ ଦାଶ)

ବରଗଡ଼ ଜିଲା ପଦ୍ମପୁର ସ୍ଥିତ ସିଦ୍ଧି ବିନାୟକ କଲ୍ୟାଣ ମଣ୍ଡପଠାରେ ଭିତ୍ତିଭୂମୀ ସେବା ସଙ୍ଗଠନ ଦ୍ୱାରା ଉତ୍ପାଦକ ଓ ଖାଉଟିଙ୍କ ସହ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି। ସଙ୍ଗଠନର ବଜାର ସଂଯୋଜକ ମାନସ ରଞ୍ଜନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉତ୍ପାଦନ ସଂଯୋଜକ ଦାଶରଥୀ ବେହେରା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ରୂପରେଖ ବିଷୟରେ କହିଥିଲେ। ଏହି ପ୍ରକଳ୍ପ ମାଧ୍ୟମରେ ଜୈବିକ ଚାଷୀ ତଥା ଖାଉଟିଙ୍କ ସହ କିପରି ଏକ ସେତୁ ସ୍ଥାପନା କରି ନିକଟ ଭବିଷ୍ୟତରେ ବିଭିନ୍ନ ସାପ୍ତାହିକ ବଜାରରେ ଉଚିତ ଦରରେ ଜୈବିକ ଫସଲ ଓ ପନିପରିବା ପାଇବେ ସେ ବିଷୟରେ କହିଥିଲେ। ଏଥିସହ ସମସ୍ତେ କିପରି ବିଷମୁକ୍ତ ଖାଦ୍ୟ, ଋଣମୁକ୍ତ ଚାଷୀ, ଆତ୍ମନିର୍ଭରଶୀଳ କୃଷି ଓ ସୁସ୍ଥ ଖାଉଟି ହେବା ସେ ଦିଗରେ ସମସ୍ତେ ସାହାଯ୍ୟ ସହଯୋଗ କରିବା ଏବଂ ଖାଉଟିଙ୍କ ବିଶ୍ୱାସ ଭାଜନ ପାଇଁ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ବ୍ୟବସ୍ଥା ମାଧ୍ୟମରେ କିପରି କାମ କରୁଛୁ ସେ ବିଷୟରେ ମଧ୍ୟ ସମ୍ୟକ ଧାରଣା ଦେଇଥିଲେ। ଏହି କର୍ମଶାଳାରେ ବୋଡାସମ୍ବର କୃଷକ ସଙ୍ଗଠନର ଆବାହକ ଅଶୋକ କୁମାର ସାହୁ, ଡା. ପ୍ରଫୁଲ୍ଲ କୁମାର ବାରିକ ଓ ଡା. ଯୋଗେନ୍ଦ୍ର ପ୍ରଧାନ ଯୋଗଦେଇ କହିଥିଲେ, କିପରି ପାଣି, ମାଟି, ବିଷ ପାଲଟି ଗଲାଣି ଓ ତା ସହ ମଣିଷ ଶରୀରରେ ମଧ ବିଷ ମିଶି ଅସୁସ୍ଥ ହେଉଛି ତାର ଉଦାହରଣ ଦେଇଥିଲେ। ଶ୍ରୀ ଅନ୍ନ ଅଭିଯାନର ଜିଲା ପ୍ରକଳ୍ପ ସଂଯୋଜକ ସବ୍ୟସାଚୀ ହନୁମାନ, ବିମଳ କମ୍ପାନୀର ନାରାୟଣ ବେହେରା, ତରଣୀସେନ ଦ୍ୱାରି ପ୍ରତି ବର୍ଷ ବଜାର ବ୍ୟବସ୍ଥା କିପରି କରୁଛନ୍ତି ସେ ବିଷୟରେ କହିଥିଲେ। କାର୍ଯ୍ୟକ୍ରମ ଶେଷରେ ସଂଗଠନର ଶୁକଦେବ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।




# ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ ଶିବିର

ସୋନପୁର,୨୮।୯(ମୃତ୍ୟୁଞ୍ଜୟ ଶତପଥୀ)

ମହିଳାମାନଙ୍କ ପାଇଁ ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛ । ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ ସୁବର୍ଣ୍ଣପୁର ଜିଲା ଶାଖା ଦ୍ୱାରା ସହରର ଢେରାପଡା ସ୍ଥିତ ବୁଢ଼ିମା କଲ୍ୟାଣ ମଣ୍ଡପରେ ଏହି ଶିବିର ଆୟୋଜିତ ହୋଇଥିଲା । ଓଡ଼ିଶାର ୧୦ଟି ଜିଲାରୁ ମହିଳା ପ୍ରତିନିଧିମାନେ ଏହି ଶିବିରରେ ଅଂଶଗ୍ରହଣ କରି ବିପର୍ଯ୍ୟୟ ପରିଚାଳନା ସମ୍ପର୍କରେ ତାଲିମ ନେଇଥିଲେ । ସକାଳେ ଆଧ୍ୟାତ୍ମିକ ପତାକା ଉତ୍ତୋଳନ ପୂର୍ବକ ଶିବିର ଶୁଭାରମ୍ଭ ପରେ ଭଗବାନଙ୍କ ଜ୍ୟୋତି ଆବାହନ କରାଯାଇଥିଲା । ପରେ ନିରବ ପ୍ରାର୍ଥନା, ବେଦମନ୍ତ୍ର ଉଚ୍ଚାରଣ ଓ ଭଗବାନ ସତ୍ୟସାଇଙ୍କ ଭଜନ ଅନୁଷ୍ଠିତ ହୋଇଥିଲା । ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ ସୁବର୍ଣ୍ଣପୁର ଜିଲାର ସଭାପତି ଗୁଣନିଧି ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଧ୍ୟାତ୍ମିକ ସଭାରେ ମୁଖ୍ୟ ଅତିଥିଭାବେ ସୁବର୍ଣ୍ଣପୁର ପୌର ପରିଷଦର ଅଧକ୍ଷା ତାମସି ତମସ୍ୱୀତା ନାୟକ ଯୋଗଦେଇ ଏହି ଶିବିରକୁ ଉଦଘାଟନ କରିଥିଲେ ।



ଶିବିରରେ ଉପସ୍ଥିତ ମହିଳା ପ୍ରତିନିଧି ।

### ସାମିଲ ହେଲେ ୧୦ ଜିଲାର ମହିଳା ପ୍ରତିନିଧି

ସବୁ କ୍ଷେତ୍ରରେ ମହିଳା ନିଜର ପରାକାଷ୍ଠା ପ୍ରଦର୍ଶନ କରିବା ସହ ଏକ ସୁସ୍ଥ ନିରାମୟ ଓ ଆଧ୍ୟାତ୍ମିକ ସମାଜ ଗଠନରେ ଏକ ପ୍ରମୁଖ ଭୂମିକା ନିର୍ବାହ କରି ଆସିଛନ୍ତି। ଏହିପରି ବିପର୍ଯ୍ୟୟ ପରିଚାଳନା ଶିବିର ଅନୁଷ୍ଠିତ କରାଇ ମହିଳାମାନଙ୍କୁ ଶିକ୍ଷାଦାନ ଦେବା ଦ୍ୱାରା ଆଗକୁ ମହିଳାଙ୍କ ଭିତରେ ସେବା ଭାବନା ଜାଗ୍ରତ ହେବା ସହ ଯେକୌଣସି ସମୟରେ ବିପର୍ଯ୍ୟୟର ପ୍ରଶମନ ପାଇଁ ସେମାନେ ସକ୍ଷମ ହୋଇପାରିବେ ବୋଲି ଲକ୍ଷ୍ୟ ରହିଛି। ଅନ୍ୟତମ ଅତିଥି ଭାବରେ ରାଜ୍ୟ ସେବା ସଂଯୋଜକ ରମାକାନ୍ତ ଦାଶ ଓ ମହିଳା ରାଜ୍ୟ ସେବା ସଂଯୋଜିକା ସୁଶ୍ରୀ ଦାସ ଯୋଗଦାନ କରିଥିଲେ। ବିବେକାନନ୍ଦ କାନୁନଗୋ ଓ ଅବକାଶ ଭାଇ ବିପର୍ଯ୍ୟୟ ପରିଚାଳନାର ନୀତିନିୟମ ଓ ଶୃଙ୍ଖଳା ଭିତରେ ନିଜର ମତାମତ ରଖିଥିଲେ। ଅପରାହ୍ନ ଅଧିବେଶନରେ ଉଦ୍ଧାର ପ୍ରକ୍ରିୟା,ଷ୍ଟ୍ରେଚର ଉପଯୋଗ ଓ ବିପର୍ଯ୍ୟୟର ମୁକାବିଲା ସମୟରେ ସିଡିର ବ୍ୟବହାର ସମ୍ପର୍କରେ ଶିକ୍ଷା ଦିଆଯାଇଥିଲା। ଶୁକ୍ରବାର ପ୍ରାତଃ ସମୟରେ ଓଁ କାରମ, ସୁପ୍ରଭାତମ, ଜ୍ୟୋତିଧ୍ୟାନ, ଶାରୀରିକ ଶିକ୍ଷା, ପରେ ଅଗ୍ନି ନିର୍ବାପକ ଶିକ୍ଷା, ଜିଲାସ୍ତରୀୟ ବିପର୍ଯ୍ୟୟ ପରିଚାଳନା ଟିମ ଗଠନ, ପରବର୍ତ୍ତୀ ବର୍ଷ ପାଇଁ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା ପରେ ସୋନପୁର ସମିତିର ସଂଯୋଜକ ସୂର୍ଯ୍ୟ ନାରାୟଣ ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ଦୁଇଦିନ ଧରି ଅନୁଷ୍ଠିତ ଏହି ପ୍ରଶିକ୍ଷଣ ଶିବିରରେ ଶତାଧିକ ମହିଳା ପ୍ରତିନିଧି ଅଂଶଗ୍ରହଣ କରିଥିଲେ।

## ମିନି ଷ୍ଟାଡିୟମ ନିର୍ମାଣ ଦାବିରେ ଦାବିପତ୍ର ପ୍ରଦାନ

**ରାଉରକେଲା, ୨୮।୯(ସଙ୍ଗୀତା ଜେନା)**

ଲାଠିକଟା ବ୍ଲକ ବଲଣ୍ଡା ପଞ୍ଚାୟତରେ ମିନି ଷ୍ଟାଡିୟମ ପ୍ରତିଷ୍ଠା ଦାବିରେ ଶୁକ୍ରବାର ପ୍ରଦୋଷ ମହାନ୍ତି, ସଦାନନ୍ଦ ସାହୁ, ଦଶରୁ କିଷାନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଶୁକ୍ରବାର ପାନପୋଷ ଉପଜିଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହାସହ ଉକ୍ତ ଅଞ୍ଚଳର ରାସ୍ତାଘାଟ, ପ୍ରଦୂଷଣ ଓ ବେକାରୀ ସମସ୍ୟାର ସମାଧାନ ପାଇଁ ଦାବି ଉପସ୍ଥାପନ କରିଥିଲେ। ଏହି ପ୍ରତିନିଧି ଦଳରେ ନାଏକ କିଷାନ, ସୁରେନ୍ଦ୍ର ବାହାଲ, ହରିନ୍ଦ୍ର କୁଜୁର, ଲକ୍ଷ୍ମଣ ମାଝି, ରାଜେନ୍ଦ୍ର ମିଞ୍ଜ, ସୁବାଷ କିଣ୍ଡୋ, ବିଜିଲା ଲାକ୍ରା, ସନ୍ଦିପ କିଷାନ ପ୍ରମୁଖ ନେତୃବୃନ୍ଦ ଯୋଗ ଦେଇଥିଲେ। ବିଭିନ୍ନ ପଞ୍ଚାୟତରେ ଷ୍ଟାଡିୟମ ତିଆରି ହୋଇଥିବା ବେଳେ ବଲଣ୍ଡା ପଞ୍ଚାୟତ ଏହି ସୁବିଧାରୁ ବଞ୍ଚିତ ହୋଇଛନ୍ତି।

# ପରିବାର ପାଇଁ ସାଜୁଛନ୍ତି ଶିଶୁ ଶ୍ରମିକ

**ରାଉରକେଲା,୨୮।୯(ବିପ୍ଳବ ରଞ୍ଜନ ଦାଶ)**

ପାଠ ପଢିବା ବୟସରେ କୋମଳମତି ଶିଶୁମାନଙ୍କ କାନ୍ଧରେ ପରିବାର ବୋଝ ରହୁଛି। ଫଳରେ ସେମାନେ ପରିବାର ଗୁଜରାଣ ମେଣ୍ଟାଇବା ପାଇଁ ପାଲଟି ଯାଉଛନ୍ତି ଶିଶୁ ଶ୍ରମିକ। ଗରିବ ଶିଶୁଙ୍କ ପାଇଁ ପାଠ ପଢିବା ଦିବାସ୍ୱପ୍ନ ପାଲଟୁଛି। ଇସ୍ପାତ ନଗରୀ ରାଉରକେଲା ସହରରେ ଶିଶୁ ଶ୍ରମିକ ସମସ୍ୟା ଏବେ ସଙ୍ଗୀନ ରୂପ ନେବାକୁ ଯାଉଛି। ପ୍ରଶାସନର ଦୃଷ୍ଟି ଆଢୁଆଳରେ ଶିଶୁମାନେ ବେଲୁନ ବିକ୍ରି, ଲୁହାରଡ୍ ବୋହିବା, ହୋଟେଲ ରେଷ୍ଟୁରାଣ୍ଟରେ କାମ କରିବା, ରାସ୍ତାକଡ଼ ଉଠାଦୋକାନରେ ପ୍ଲେଟ ଧୋଇବା ସହ ରେଲୱେ ଷ୍ଟେଶନରେ ଭିକ ମାଗୁଥିବା ଦୃଶ୍ୟ ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱବୋଧ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ସହରରେ ଶିଶୁ ଜନ୍ମହାର ବୃଦ୍ଧି ହେଉଛି। ସହରର ଜନସଂଖ୍ୟା ପାଖାପାଖି ୭ଲକ୍ଷ ଥିବାବେଳେ ୩୦ଭାଗ ଗରିବ ସୀମାରେଖା ତଳେ ରହି ସରକାରଙ୍କ ରାଶନ ସାମଗ୍ରୀ ପାଉଛନ୍ତି। ଏହି ୩୦ ଭାଗ ଜନସଂଖ୍ୟା ମଧ୍ୟରେ ଶିଶୁ ସଂଖ୍ୟା ୮ପ୍ରତିଶତ ବୋଲି କୁହାଯାଉଛି। ସେମାନଙ୍କ ମଧ୍ୟରୁ ଅଧିକାଂଶ ଶିଶୁ ସହରର ବିଭିନ୍ନ ପ୍ରତିଷ୍ଠାନରେ ଶ୍ରମ କାର୍ଯ୍ୟ କରି ପରିବାର ପୋଷଣ କରୁଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଶିଶୁଶ୍ରମିକ ସଂଖ୍ୟା ହ୍ରାସ କରିବା ପାଇଁ ଅନାଥ ତଥା ଅସହାୟ ଶିଶୁମାନଙ୍କୁ ୨୧ବର୍ଷ ବୟସ ହେବା ପର୍ଯ୍ୟନ୍ତ ସାମଗ୍ରିକ ଦେଖାଶୁଣା ଦାୟିତ୍ୱ ତୁଲାଇବା ଲାଗି ସରକାରୀ ଯୋଜନା କରିଛନ୍ତି। ବାଳ ସୁଧାର ଗୃହ, ଶିଶୁ ଥାଇଥାନ କେନ୍ଦ୍ରରେ ଥଇଥାନ ସହ ବିଭିନ୍ନ ସରକାରୀ ଯୋଜନାରେ ଅସହାୟ ଶିଶୁମାନଙ୍କୁ ସହାୟତା ପ୍ରଦାନ କରାଯାଉଛି। ମାତ୍ର ରାଉରକେଲା ସହରରେ ଏଭଳି ଶିଶୁ ଶ୍ରମିକମାନଙ୍କୁ ଉଦ୍ଧାର କରି ଉପଯୁକ୍ତ ଥଇଥାନ ବ୍ୟବସ୍ଥା ହେଉ ନ ଥିବା ବୁଦ୍ଧିଜୀବୀ ମହଲରେ ଅଭିଯୋଗ ହେଉଛି। ଏ ସମ୍ପର୍କରେ ରାଉରକେଲା ହିନ୍ଦ୍ ମଜଦୁର ଶ୍ରମିକ ସଙ୍ଗଠନର ମୁଖ୍ୟ ଦିଗମ୍ବର ମହାନ୍ତି କୁହନ୍ତି, ସହରାଞ୍ଚଳ ବସ୍ତିର ପ୍ରାୟ ଶିଶୁମାନେ ଶିଶୁ ଶ୍ରମିକ ସାଜି ସହରସାରା କାମ କରୁଛନ୍ତି। ଏଥିପାଇଁ ମୁଖ୍ୟତଃ ଶିଶୁ ଶ୍ରମିକଙ୍କ ଅଭିଭାବକ ଓ ବିଭାଗୀୟ ପ୍ରଶାସନ ଦାୟୀ। ପିଲାମାନେ ଯେଉଁ ସମୟରେ ପାଠ ପଢିବା କଥା ସେ ବୟସରେ ରାସ୍ତାକଡରୁ ପଲିଥିନ ଗୋଟାଇବା ସହ ହୋଟେଲ ଢାବାରେ କାମ କରୁଛନ୍ତି। ଏହା ନିଶ୍ଚିତ ଭାବେ ସହର ପାଇଁ ଲଜ୍ଜା ଓ ଚିନ୍ତାଜନକ ପ୍ରସଙ୍ଗ ବୋଲି ମହାନ୍ତି କହିଥିଲେ। ଏ ନେଇ ରାଉରକେଲା ଅତିରିକ୍ତ ଶ୍ରମ ଅଧିକାରୀ ହେମନ୍ତ ପ୍ରଧାନ କୁହନ୍ତି, ବିଭାଗ ପକ୍ଷରୁ ପ୍ରତିବର୍ଷ ଜୁନ୍ ମାସରେ ଶିଶୁ ଶ୍ରମିକ ଉଦ୍ଧାର ଅଭିଯାନ କରାଯାଉଛି। ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଶ୍ରମ ଭିତ୍ତିକ କାର୍ଯ୍ୟରେ ଭାଓଲେଶନ ରୋକିବା ଆମ ଦାୟିତ୍ୱ। ଆଗକୁ ଏହି ଅଭିଯାନ ତୀବ୍ର କରାଯିବ ବୋଲି ପ୍ରଧାନ କହିଥିଲେ।

## ନାବାଳିକା ଗଣବଳାତ୍କାର ମାମଲାରେ ୬ ଗିରଫ



ଖବରଦାତା ସମ୍ମିଳନୀରେ ଗଣମାଧ୍ୟମକୁ ସୂଚନା ପ୍ରଦାନ କରାଯାଉଛି।

**ରାଉରକେଲା,୨୭।୯(ସଙ୍ଗୀତା ଜେନା)**

ରଘୁନାଥପାଲୀ ଅଞ୍ଚଳରେ ଥିବା ହୁଡଦଙ୍ଗ ହୋଟେଲ ଆଣ୍ଡ ବାର୍‌ରେ ଗତ ୨୩ ତାରିଖରେ ନାବାଳିକାଙ୍କୁ ଗଣବଳାତ୍କାର ଘଟଣାରେ ପୋଲିସ ୬ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଏମ୍‌ଡି ସୋହେଲ(୨୧), ଏମ୍‌ଡି ଜରିଆତ୍(୨୨), ବିନୋଦ ରାମ(୩୫), ଦୀପକ ସୋନକର(୧୯), ମହମ୍ମଦ ଦାନିଶ (୨୪) ଏବଂ ଆଫତାବ ଖାନ୍। ପୋଲିସ ଏକ ମାମଲା(ନଂ.୪୭୩/୨୪) ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରିଛି। ସେହିପରି ଅନ୍ୟ ଜଣେ ଅଭିଯୁକ୍ତ ଫେରାର ଅଛନ୍ତି। ଏ ନେଇ ଶନିବାର ସନ୍ଧ୍ୟାରେ ରାଉରକେଲା ପୋଲିସ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି।

ଏହି ଅବସରରେ ସୂଚନା ପ୍ରଦାନ କରି ପଶ୍ଚିମାଞ୍ଚଳ ଆଇଜି ନୀତି ଶେଖର କହିଥିଲେ, ଘଟଣା ଦିନ ପୀଡ଼ିତା ଏକ ମଲ୍‌କୁ ବୁଲିବାକୁ ଯାଇଥିଲେ। ବିଳମ୍ବିତ ରାତି ସୁଦ୍ଧା ସେ ନ ଫେରିବାରୁ ତାଙ୍କ ଅଭିଭାବକ ଖୋଜାଖୋଜି କରିଥିଲେ। ପରେ ଝିଅକୁ ନ ପାଇ ବାଧ୍ୟ ହୋଇ ତାଙ୍କ ସାଙ୍ଗକୁ ଫୋନ୍ କରିଥିଲେ। ରାତି ୩ଟାରେ ଝିଅ (ପୀଡ଼ିତା) ହୁଡଦଙ୍ଗ ହୋଟେଲରେ ଥିବା ଜାଣିବାକୁ ପାଇଥିଲେ ଏବଂ ଘଟଣାସ୍ଥଳକୁ ଯାଇ କ୍ଷତବିକ୍ଷତ ଅବସ୍ଥାରେ ତାଙ୍କୁ ଦେଖିଥିଲେ। ପୀଡ଼ିତାଙ୍କ କହିବା ଅନୁସାରେ ତାଙ୍କୁ ହୋଟେଲରେ ପିଇବାକୁ ବାଧ୍ୟ କରାଯାଇଥିଲା। ସେଠାରୁ ୩ଜଣ ତାଙ୍କୁ ବୁଲେଟ୍‌ରେ ଆଣି ସେନସୋରୀ ପାର୍କରେ ବଳାତ୍କାର କରି ଛାଡିଚାଲିଯାଇଥିଲେ। ଦୀପକ ସୋନକର ନାମକ ଯୁବକ ସେଠାରୁ ତାଙ୍କୁ ଆଣି ରେଳଷ୍ଟେଶନ ନିକଟ ଏକ ନିକାଞ୍ଚନ ଜାଗାକୁ ଆଣି ବଳାତ୍କାର କରିଥିଲେ। ଏହି ମାମଲାରେ ମୋଟ ୬ ଜଣ ଗିରଫ ହୋଇଛନ୍ତି। ସେମାନଙ୍କଠାରୁ ଏକ ବାଇକ୍ ଜବତ ହୋଇଛି। ସେହିପରି ଗତ ୨ଦିନ ମଧ୍ୟରେ ସହରରେ ହୋଇଥିବା ଉଦିତନଗର ଥାନା ଅଞ୍ଚଳରେ ୧୧ ବର୍ଷୀୟା ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ଘର ମାଲିକଙ୍କ ପୁତୁରା ଚଗଲା ବାରିକ(୨୯) ନାମକ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେହିପରି ସେକ୍ଟର-୭ ଥାନା ଅଞ୍ଚଳରେ ଶୁକ୍ରବାର ସନ୍ଧ୍ୟାରେ ନାବାଳିକା ଅପହରଣ ମାମଲାରେ ବିଶ୍ରା ଅଞ୍ଚଳରୁ ସଫର ଆଲାମ(୨୭)ଙ୍କୁ ଗିରଫ କରାଯାଇଛି। ଏ ନେଇ ଥାନାରେ ଏକ ମାମଲା (ନଂ.୧୭୧/୨୪) ରୁଜୁ ହୋଇଛି। ଅଭିଯୁକ୍ତ ଓ ପୀଡ଼ିତାଙ୍କ ମଧ୍ୟରେ ପୂର୍ବରୁ ପରିଚୟ ଥିଲା। ସଫର ସିଦ୍ଧାର୍ଥ ମୋଦୀ ଛଦ୍ମନାମରେ ଇନ୍‌ଷ୍ଟାଗ୍ରାମରେ ପୀଡ଼ିତାଙ୍କ ସହ ଚାର୍ଟିଂ କରୁଥିଲେ। ଘଟଣା ଦିନ ସେ ନାବାଳିକାଙ୍କୁ ଅପହରଣ କରି ମାଡ଼ପିଟ୍ କରିଥିଲେ। ଏହି ମାମଲାର ତଦନ୍ତ କରାଯାଉଛି। ଅନୁରୂପ ଭାବେ ସେକ୍ଟର-୭ ଥାନା ଛେଣ୍ଡ ପେଟ୍ରୋଲ ପମ୍ପ ନିକଟରେ ହତ୍ୟାକାଣ୍ଡରେ ଶାଳକ ଗିରଫ ହୋଇଛନ୍ତି ବୋଲି ନୀତିଶେଖର କହିଥିଲେ। ଖବରଦାତା ସମ୍ମିଳନୀରେ ରାଉରକେଲା ଡିଆଇଜି ବ୍ରିଜେଶ ରାୟ, ଏସ୍‌ଡିପିଓ ଉପାସନା ପାଢ଼ୀ, ଜୋନ୍-୨ ଡିଏସ୍‌ପି ନିର୍ମଳ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସିନେମା ହଲ୍ ମାଲିକଙ୍କ ନାଁରେ ଠକେଇ ଅଭିଯୋଗ

**ରାଉରକେଲା,୨୮।୯(ସଙ୍ଗୀତା ଜେନା)**

### ରାଉରକେଲାରେ ବ୍ରହ୍ମପୁର ପୋଲିସର ତଦନ୍ତ

ରାଉରକେଲା ସିଭିଲଟାଉନଶିପ୍‌ରେ ଥିବା ଏକ ସିନେମା ହଲ୍ ବିକ୍ରି କରିବା ପାଇଁ ବ୍ରହ୍ମପୁରର ଜଣେ ଡାକ୍ତରଙ୍କ ସହ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଡିଲ୍ କରାଯାଇଥିଲା। ସମ୍ପୃକ୍ତ ଡାକ୍ତର କୁଆଡେ ରାଉରକେଲାର ଉକ୍ତ ସିନେମା ହଲ୍ ମାଲିକଙ୍କୁ ୧ କୋଟି ୨୦ ଲକ୍ଷ ଟଙ୍କା ଅଗ୍ରୀମ ଦେଇଥିଲେ। ତେବେ ସିନେମା ହଲ୍ ମାଲିକ ଉକ୍ତ ଡାକ୍ତରଙ୍କୁ ହଲ୍ ବିକ୍ରି ନ କରି ବିଭିନ୍ନ ଆଳ ଦେଖାଉଥିଲେ। ଏ ନେଇ ସିନେମା ହଲ୍ ମାଲିକଙ୍କ ବିରୋଧରେ ବ୍ରହ୍ମପୁର ଥାନାରେ ଏକ ମାମଲା ରୁଜୁ ହେବା ପରେ ଶୁକ୍ରବାର ସନ୍ଧ୍ୟାରେ ବ୍ରହ୍ମପୁରର ସ୍ୱତନ୍ତ୍ର ପୋଲିସ ଟିମ୍ ସିନେମା ହଲ୍ ମାଲିକଙ୍କୁ ଗିରଫ କରିବାକୁ ରାଉରକେଲା ଆସିଥିଲେ। ପ୍ଲାଣ୍ଟସାଇଟ୍ ଥାନା ପୋଲିସ ସହଯୋଗରେ ଡିଲକ୍ସଲେନ୍ ଗଳିରେ ଥିବା ସିନେମା ହଲ୍ ମାଲିକଙ୍କ ଘରେ ଖାନତଲାସୀ କରାଯାଇଥିଲା। ତେବେ ହଲ୍ ମାଲିକ ଫେରାର ହୋଇଯାଇଥିଲେ। ଅନ୍ୟ ଉପାୟ ନ ପାଇ ପୋଲିସ ହଲ୍ ମାଲିକଙ୍କ ପରିବାରବର୍ଗଙ୍କୁ ନୋଟିସ ଦେଇ ବ୍ରହ୍ମପୁର ଫେରିଯାଇଥିବା ଜଣାପଡ଼ିଛି।

## ଏନ୍ଆଇଟିରେ ରକ୍ତସ୍ରାବ ନିବାରଣ ପାଇଁ ଚୁକ୍ତି ସ୍ୱାକ୍ଷରିତ



ଏନ୍ଆଇଟିରେ ଚୁକ୍ତି ସ୍ୱାକ୍ଷରିତ ହେଉଛି ।

**ରାଉରକେଲା,୨୮।୯(ସଙ୍ଗୀତା ଜେନା)**

ରାଉରକେଲାସ୍ଥିତ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍ଆଇଟି)ର ବାୟୋଟେକ୍ନୋଲୋଜି ଓ ମେଡିକାଲ ଇଞ୍ଜିନିୟରିଂ ବିଭାଗର ପ୍ରଫେସର ଦେବେନ୍ଦ୍ର ବର୍ମା ଓ ଗବେଷକ ଦଳ ଦ୍ୱାରା ବିକଶିତ ୨ଟି ଗୁରୁତ୍ୱପୂର୍ଣ୍ଣ ଚିକିତ୍ସାର ସମାଧାନ ପାଇଁ ରାଉରକେଲା ଏନ୍ଆଇଟିକୁ ପେଟେଣ୍ଟ ପ୍ରଦାନ କରାଯାଇଛି। ଦ୍ରୁତ ରକ୍ତସ୍ରାବ ନିୟନ୍ତ୍ରଣ ପାଇଁ ନାନୋ-ଫାଇବର୍ସ ପଲିଇଲେକ୍ଟ୍ରୋଲାଇଟ୍ କମ୍ପ୍ଲେକ୍ସ, ପେଟେଣ୍ଟ ନମ୍ବର ୫୪୭୪୯୨ ଏବଂ ହୋମୋଷ୍ଟେଟିକ୍ ଏଜେଣ୍ଟ ଭାବେ ସେଫ୍ ଆସେମ୍ବଲ୍ଡ ନାନୋ ଫାଇବର, ପେଟେଣ୍ଟ ନମ୍ବର ୩୭୬୯୧୮କୁ ପେଟେଣ୍ଟ ପ୍ରଦାନ କରାଯାଇଛି। ଏହାକୁ ବ୍ୟବସାୟୀକରଣ କରିବା ପାଇଁ ଏନ୍ଆଇଟି ପକ୍ଷରୁ ବୋର୍ଡରୁମ୍‌ରେ ମିରାକ୍ୟୁଲ୍ସ ମେଡ୍‌ସଲ୍ୟୁଶନ ପ୍ରାଇଭେଟ୍ ଲିମିଟେଡ୍ ସହ ଟେକ୍ନୋଲୋଜି ଟ୍ରାନ୍ସଫର ଚୁକ୍ତି ସ୍ୱାକ୍ଷର କରାଯାଇଛି। ଉକ୍ତ ପେଟେଣ୍ଟ ଦ୍ୱାରା ଜରୁରୀକାଳୀନ ରକ୍ତସ୍ରାବ ନିୟନ୍ତ୍ରଣରେ ପରିବର୍ତ୍ତନ ଆଣିବାରେ ସୁନିଶ୍ଚିତ କରିଥାଏ। ଏହି ଚୁକ୍ତି ୨୦୨୨ରେ ସ୍ଥାପିତ ଏନ୍ଆଇଟି ରାଉରକେଲାର ବୌଦ୍ଧିକ ସମ୍ପତ୍ତି ଉଦ୍ଭାବନ କେନ୍ଦ୍ର (ଆଇପିଆଇସି) ଦ୍ୱାରା ଆରମ୍ଭ ହୋଇଥିବା ପ୍ରଥମ ଟେକ୍ନୋଲୋଜି ହସ୍ତାନ୍ତର ଅଟେ। ଗତ ୨ ବର୍ଷ ମଧ୍ୟରେ ପ୍ରାୟ ୫୦ଟି ପେଟେଣ୍ଟ ପ୍ରଦାନ କରାଯାଇସାରିଛି। ଏନ୍ଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମା ମହେଶ୍ୱର ରାଓ ଏବଂ ମିରାକ୍ୟୁଲ୍ସର ସିଇଓ ତଥା ସହ ପ୍ରତିଷ୍ଠାତା ସନ ହୁସେନ୍‌ଙ୍କ ମଧ୍ୟରେ ଚୁକ୍ତି ହୋଇଥିଲା। ଆଇପିଆଇସିର ଅଧ୍ୟକ୍ଷ ପ୍ରଫେସର ସୌରଭ ଚାଟାର୍ଜୀ ଓ ରେଜିଷ୍ଟ୍ରାର ପ୍ରଫେସର ରୋହନ ଧୀମାନ ସାକ୍ଷୀ ଭାବେ ସ୍ୱାକ୍ଷର କରିଥିଲେ। ଏନ୍ଆଇଟିର ଅଧ୍ୟାପକ ଓ ମିରାକ୍ୟୁଲ୍ସର ସଦସ୍ୟମାନେ ଆଭାସୀ ଭାବେ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ, ମିରାକ୍ୟୁଲ୍ସ ଷ୍ଟାର୍ଟଅପ୍ କମ୍ପାନୀ ଆଇଏସ୍‌ଓ ମାନକ ୧୩୪୮୫ ସାର୍ଟିଫିକେଟ୍ ହାସଲ କରିଛି। ଚିକିତ୍ସା ଗୁଣବତ୍ତା ଉପକରଣ ପାଇଁ ଏହା ପରିଚିତ ଅଟେ।

## ଅବସରପ୍ରାପ୍ତ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା



ସଭାରେ ବିଧାୟକଙ୍କ ସହ ଅନ୍ୟମାନେ।

**ବାଲିଶଙ୍କରା, ୨୮।୯( ହୃଦାନନ୍ଦ ବାରିକ)**

ବାଲିଶଙ୍କରା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରୀ ସରୋଜା ଲକ୍ଷ୍ମୀ ନାଏକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସମାରୋହରେ ମୁଖ୍ୟ ଅତିଥିଭାବେ ଓଡ଼ିଶା ବିଧାନସଭା ଉପବାଚସ୍ପତି ତଥା ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ ଯୋଗଦେଇ କହିଥିଲେ, ଗୁରୁ ହିଁ ଶିକ୍ଷା ଦ୍ୱାରା ଅନ୍ଧକାର ଜୀବନକୁ ଆଲୋକିତ କରିଥାନ୍ତି। ଅବସର ନେଲା ପରେ ମଧ ଅଞ୍ଚଳରେ ଜ୍ଞାନ ଦେବାରେ ଆପଣମାନେ ସାହାଯ୍ୟ କରନ୍ତୁ ବୋଲି ସେ ଅନୁରୋଧ କରିଥିଲେ। ସମ୍ମାନିତ ଅତିଥିଭାବେ ଜିଲା ଶିକ୍ଷାଧିକାରୀ ଅମୂଲ୍ୟ କୁମାର କର, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସାରଙ୍ଗଧର ବରିହା, ଅବସରପ୍ରାପ୍ତ ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଖଗେଶ୍ୱର ମଲ୍ଲିକ, ଜାନକୀ ପଟେଲ, ପର୍ଶୁରାମ ପଟେଲ, ଅମୀୟ ନାଏକ, ସରକାରୀ ଉଚ୍ଚ ବିଦ୍ୟାଳୟର ଅତିରିକ୍ତ ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ନାଏକ, ରବି ପଟେଲ ପ୍ରମୁଖ ଯୋଗଦେଇଥିଲେ। ୭୦ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଉପଢ଼ୌକନ ସହ ମାନପତ୍ର ପ୍ରଦାନ କରାଯାଇଥିଲା। ବ୍ଲକ ଶିକ୍ଷା ପରିବାର ତରଫରୁ ଆୟୋଜକ ଭାବେ ହେମନ୍ତ କୁମାର ମିଶ୍ର, ଦିଗାମ୍ବର ରଣା, ବିଶାଖା ରଣା, ପ୍ରମୋଦ ନାଏକ, କୁଲଦୀପ ସେଠ, କୁଞ୍ଜଲତା ଗୋଖର, ହରିରାମ ନାଏକ, କୈଳାସ ଭିତ୍ରିଆ, କୁଳୀନ ଚନ୍ଦ୍ର ନାଏକ ପ୍ରମୁଖ ଯୋଗଦେଇ ସହାୟତାର ହାତ ବଢ଼ାଇଥିଲେ। ହେମନ୍ତ ମିଶ୍ର ସଭା ପରିଚାଳନା କରିଥିଲେ। ଶେଷରେ ଦିଗାମ୍ବର ରଣା ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଶା ନାଟ୍ୟ ସଂଘର ପ୍ରତିଷ୍ଠା ଦିବସ ପାଳିତ



ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଟ୍ରଫି ପ୍ରଦାନ କରାଯାଉଛି।

**ରାଉରକେଲା,୨୮।୯(ବିପ୍ଳବ ରଞ୍ଜନ ଦାଶ)**

ଓଡ଼ିଶା ନାଟ୍ୟ ସଂଘ ରାଉରକେଲା ଶାଖା ଓ ଏକତ୍ର ଅନୁଷ୍ଠାନ ପକ୍ଷରୁ ଆଦର୍ଶ ସାହିତ୍ୟ ଘରଠାରେ ଓଡ଼ିଶା ନାଟ୍ୟ ସଂଘର ୩୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସଂଘ ଯୁଗ୍ମ ସମ୍ପାଦକ ଆଲୋକ ବୋଷ ଓ ଜିଲା ସଂଯୋଜକ ପ୍ରଫୁଲ୍ଲ ସେଠୀଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏକତ୍ରର ସଭାପତି ରାଜୀବ ପାଣି, ସମ୍ପାଦକ ସୁଦେଶ ନାୟକ, ନାଟ୍ୟ ସଂଘ ଉପଦେଷ୍ଟା ଡକ୍ଟର ସମର ମୁଦାଲି, ଅଭିନେତା ତଥା ନିର୍ଦ୍ଦେଶକ କୈଳାସ ପାଣିଗ୍ରାହୀ ଓ ଭାସ୍କର ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଓଡ଼ିଶା ନାଟ୍ୟ ମାନଚିତ୍ରରେ ଆମ ରାଉରକେଲା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଡକ୍ଟର ମୁଦାଲି ରାଉରକେଲା ସହରରେ ନାଟ୍ୟାନୁଷ୍ଠାନର ସୃଷ୍ଟି ଓ କ୍ରମବିକାଶର ତୁଳନାତ୍ମକ ଚିତ୍ର ପ୍ରଦାନ କରିଥିଲେ। ରାଉରକେଲାରେ ୧୯୬୦ରେ ବିଧିବଦ୍ଧ ଭାବେ ନାଟକ ଆରମ୍ଭ ହୋଇଥିଲା ଲକ୍ଷ୍ମୀଧର ନାୟକଙ୍କ ନାଟକ ଲାଲ୍ ଚାବୁକ ନାଟକରୁ। ପରେ ଦୁର୍ଗା ଦାସ, ବ୍ରଜ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଚିନ୍ତାମଣି ଜେନା, ରଘୁନାଥ ବିଶ୍ୱାଳ, ଲଲାଟେନ୍ଦୁ ରଥ, ଡକ୍ଟର କୃପାସିନ୍ଧୁ ନାୟକ, ଡୋଲାମଣି କନ୍ଧେରଙ୍କ ଠାରୁ ଆରମ୍ଭ କରି ବର୍ତ୍ତମାନର ସଞ୍ଜୟ ହାତୀ, ପ୍ରଭାକର ପାତ୍ର, ଡକ୍ଟର ସମର ମୁଦାଲି, ଭାସ୍କର ମହାପାତ୍ର, ଡକ୍ଟର ନିବେଦିତା ଜେନା ଓ ରାଜୀବ ପାଣି ପ୍ରମୁଖ ବିଶିଷ୍ଟ ନାଟ୍ୟକାରଙ୍କ ଓଡ଼ିଆ ନାଟ୍ୟ ଜଗତ ପ୍ରତି ରହିଥିବା ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ପରେ ଅତିଥିମାନେ ନାଟ୍ୟ ଜଗତ, ନାଟକ, କଳାକାର ଏବଂ ନାଟ୍ୟ ପ୍ରାସଙ୍ଗିକତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହାପରେ ନାଟ୍ୟ ସଂଘ ଏବଂ ଏକତ୍ରର ସଦସ୍ୟମାନେ ପଦଯାତ୍ରା କରିଥିଲେ। ଶ୍ରୀଜଗନ୍ନାଥ କଳା ପରିଷଦର ନୃତ୍ୟ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରିଥିଲେ। ଏ ନେଇ ପୂର୍ବରୁ ଆୟୋଜିତ ବିଦ୍ୟାଳୟସ୍ତରୀୟ ଏକକ ଅଭିନୟ ପ୍ରତିଯୋଗିତାର ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିବେକାନନ୍ଦ ଶିକ୍ଷା ସଦନର ସ୍ମୃତି ନାୟକ ଏବଂ ବାଜି ରାଉତ ଶିକ୍ଷା ନିକେତନର ସୋନାଲି ବିଶ୍ୱାଳଙ୍କୁ ଜୁରୀ ପୁରସ୍କାର ପ୍ରଦାନ କରାଯାଇଥିଲା।

## ଶିଶୁଙ୍କ ସୁପ୍ତ ପ୍ରତିଭା ପ୍ରସ୍ଫୁଟିତ କରେ ସୁରଭି




କାର୍ଯ୍ୟକ୍ରମରେ ବିଇଓ ବକ୍ତବ୍ୟ ପ୍ରଦାନ କରୁଛନ୍ତି।

**ରାଉରକେଲା,୨୮।୯(ବିପ୍ଳବ ରଞ୍ଜନ ଦାଶ)**

ବିଶ୍ରା ଗୋଷ୍ଠୀ ଶିକ୍ଷା ମଣ୍ଡଳ ଓ ମଧୁସୂଦନ କ୍ଲଷ୍ଟରର ମିଳିତ ଆନୁକୂଲ୍ୟରେ ରାଉରକେଲା ଆଚାର୍ଯ୍ୟ ହରିହର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ଆଞ୍ଚଳିକସ୍ତରୀୟ ସୁରଭି କାର୍ଯ୍ୟକ୍ରମ-୨୦୨୪ ଅନୁଷ୍ଠିତ ହୋଇଯାଇଛି। ସିଆର୍‌ସିସି ହରିହର ବେହେରାଙ୍କ ମାର୍ଗଦର୍ଶନ ଓ ସ୍ଥାନୀୟ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସିମାଙ୍ଗିନୀ ନାଥଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ଓଷ୍ଟା ଜିଲା ସମ୍ପାଦକ ସନ୍ତୋଷ କୁମାର ନାୟକ ମୁଖ୍ୟଅତିଥି, ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନୟନ ପତି ଓ ଅଧ୍ୟାପକ ମନୋଜ ସାମଲ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ସିଆରସିସି, ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ, ଗାଇଡ ଶିକ୍ଷୟିତ୍ରୀ ଶିକ୍ଷକ, ଅଭିଭାବକ ଏବଂ ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଶ୍ରା ବିଇଓ ସଦାନନ୍ଦ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଶୁଙ୍କ ସୁପ୍ତ ପ୍ରତିଭା ପ୍ରସ୍ଫୁଟିତ କରିବାର ସବୁଠୁ ନିଆରା ଓ ଅନନ୍ୟ କାର୍ଯ୍ୟକ୍ରମ ସୁରଭି ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ସତ୍ୟାନନ୍ଦ ବେହେରା, ରଶ୍ମିତ କୁମାର ସାହାଣୀ ପ୍ରମୁଖ ଉପସ୍ଥିତ ଥିଲେ। ପରେ କୃତୀ ବିଦ୍ୟାର୍ଥୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପ୍ରତାପ କୁମାର ରାଉତ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସିମାଙ୍ଗିନୀ ନାଥ ଧନ୍ୟବାଦ ଅର୍ପଣ କରିଥିଲେ।

## ଆର୍‌ଏସ୍‌ପିରେ ବିସ୍ଫୋରଣ, ୫ କର୍ମଚାରୀ ଆହତ

**ରାଉରକେଲା,୨୮।୯(ସଙ୍ଗୀତା ଜେନା)**

ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ର ଷ୍ଟିଲ୍ ମେଲ୍‌ଟିଂ ଶପ୍ (ଏସ୍‌ଏମ୍‌ଏସ୍)-୧ କନଭର୍ଟରରେ ଶନିବାର ବିସ୍ଫୋରଣ ଘଟିଛି। ଫଳରେ ୪ଜଣ ସ୍ଥାୟୀ ଏବଂ ଜଣେ ଠିକା କର୍ମଚାରୀ ଆହତ ହୋଇଛନ୍ତି। ଆହତମାନେ ହେଲେ ଆରଏସ୍‌ପିର ବରିଷ୍ଠ ଅଧିକାରୀ ଏଚ୍. କେ. ମେହେର, ଭଗବତ ମୁର୍ମୁ, ଜି. ବି. କାଲୋ, ପ୍ରଦୀପ ଏକ୍କା ଏବଂ ଠିକା କର୍ମଚାରୀ ଝୁନୁ ନନ୍ଦ। ଆହତମାନଙ୍କୁ ଇସ୍ପାତ ଜେନେରାଲ ହସ୍ପିଟାଲର ବର୍ନ ସେଣ୍ଟରରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷେ ଉକ୍ତ ସମ୍ବେଦନଶୀଳ ଘଟଣାର ତଦନ୍ତ କରିବାକୁ ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ନିର୍ଦ୍ଦେଶ ଦେଇଥିବା କାରଖାନା ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନା ଅନୁସାରେ, ଶନିବାର ସକାଳ ପ୍ରାୟ ୮ଟା ୪୫ ମିନିଟ୍‌ରେ କାରଖାନାରେ ଉତ୍ପାଦନ ସମୟରେ କନଭର୍ଟରର 'କ୍ୟୁ'ର ହୁଡ୍ ସଫେଇ କରାଯାଉଥିଲା। କନଭର୍ଟର ତଳେ ଥିବା ପାଣିରେ ହଠାତ୍ କିଛି ତରଳ ସ୍ଲାଗ୍ ପଡି ବିସ୍ଫୋରଣ ଘଟିଥିଲା। ଫଳରେ ନିକଟରେ କାର୍ଯ୍ୟରତ ଅଧିକାରୀ ଏବଂ କର୍ମଚାରୀମାନେ ଏହା ସଂସ୍ପର୍ଶରେ ଆସିବାରୁ ସେମାନଙ୍କ ଶରୀରର ବିଭିନ୍ନ ଅଂଶ ଜଳିଯାଇଥିଲା। ଖବର ପାଇ ଡାକ୍ତରଖାନାରେ ଆର୍‌ଆଇକେକେଏସ୍, ଆର୍‌ଏସ୍‌ଏସ୍ ଓ ଜିଏମ୍‌ଏମ୍, ସିଟୁ, ଆର୍‌ଏମ୍‌ଏସ୍ ପ୍ରମୁଖ ଶ୍ରମ ସଙ୍ଗଠନର ନେତୃମଣ୍ଡଳୀ, ଆହତମାନଙ୍କ ପରିଜନ ପହଞ୍ଚିଥିଲେ। ତେବେ ଆହତମାନଙ୍କ ଅବସ୍ଥା ବର୍ତ୍ତମାନ ସ୍ଥିର ରହିଛି। ଡିଆଇସି ଭୌମିକ ଘଟଣାର ତୁରନ୍ତ ଯାଞ୍ଚ କମିଟି ଗଠନ କରି ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।



ଆଇଜିଏଚ୍ ପରିସରରେ ବିଭିନ୍ନ ଶ୍ରମ ସଙ୍ଗଠନର ସଦସ୍ୟ ରୁଣ୍ଡ ହୋଇଛନ୍ତି।

## ସବ୍ ଜୁନିୟର ମହିଳା ହକି ଚାମ୍ପିୟନଶିପ୍ ଉଦ୍‌ଘାଟିତ

**ରାଉରକେଲା,୨୮।୯(ଦିନେଶ ମିଶ୍ର)**



ଉଦ୍‌ଘାଟନୀ ଦିବସ ମ୍ୟାଚ୍‌ର ହକି ଖେଳାଳି।

ରାଉରକେଲା ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମରେ ତୃତୀୟ ଅଲ ଓଡିଶା ସବ୍ ଜୁନିୟର ମହିଳା ହକି ଚାମ୍ପିୟନଶିପ୍ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଚାମ୍ପିୟନଶିପ୍‌ରେ ଓଡିଶାର ବିଭିନ୍ନ ଜିଲାରୁ ୨୦ଟି ହକି ଟିମ୍ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ଦିବସରେ ମୋଟ ୧୧ଟି ମ୍ୟାଚ୍ ଖେଳାଯାଇଥିଲା। ପ୍ରଥମ ମ୍ୟାଚ୍ ରାୟଗଡା ଓ କଟକ ମଧ୍ୟରେ ହୋଇଥିଲା। ଏଥିରେ ରାୟଗଡା କଟକ ଦଳକୁ ୨-୦ ଗୋଲରେ ପରାସ୍ତ କରିଥିଲା। ଦ୍ୱିତୀୟ ମ୍ୟାଚ୍ ଝାରସୁଗୁଡା ଓ ପୁରୀ ମଧ୍ୟରେ ଖେଳାଯାଇଥିବା ବେଳେ ଝାରସୁଗୁଡା ଦଳ ୬-୦ ଗୋଲରେ ପୁରୀ ଦଳକୁ ପରାସ୍ତ କରି ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚ୍ ନୟାଗଡ ଓ ଗଜପତି ମଧ୍ୟରେ ହୋଇ ନୟାଗଡ ଦଳ ୩-୦ ଗୋଲରେ ବିଜୟୀ ହୋଇଥିଲା। ୪ର୍ଥ ମ୍ୟାଚ୍ ଖୋର୍ଦ୍ଧା ଓ ଢେଙ୍କାନାଳ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଖୋର୍ଦ୍ଧା ଦଳ ଢେଙ୍କାନାଳକୁ ୧୦-୦ ଗୋଲରେ ପରାସ୍ତ କରି ବିଜୟୀ ହୋଇଥିଲା। ସେହିପରି ସ୍ପୋର୍ଟସ ହଷ୍ଟେଲ ରାଉରକେଲା ଓ ଭଦ୍ରକ ଦଳ ମଧ୍ୟରେ ପଞ୍ଚମ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ସ୍ପୋର୍ଟସ ହଷ୍ଟେଲ ରାଉରକେଲା ୫-୦ ଗୋଲରେ ଭଦ୍ରକ ଦଳକୁ ପରାସ୍ତ ଦ୍ୱିତୀୟ ରାଉଣ୍ଡକୁ ଉତ୍ତୀର୍ଣ୍ଣ ହୋଇଥିଲା। ଷଷ୍ଠ ମ୍ୟାଚ୍ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ଦଳ ଓ ମୟୂରଭଞ୍ଜ ଦଳ ମଧ୍ୟରେ ଖେଳାଯାଇଥିଲା। ଏଥିରେ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ମୟୂରଭଞ୍ଜ ଦଳକୁ ୯-୦ ଗୋଲରେ ପରାସ୍ତ କରିଥିଲା। ସେହିପରି ସପ୍ତମ ମ୍ୟାଚ୍ ଭୁବନେଶ୍ୱର କିଟ୍ ଓ କିସ୍ ଦଳ ଏବଂ ବରଗଡ ମଧ୍ୟରେ ଖେଳାଯାଇଥିଲା। ଏଥିରେ କିଟ୍ ଓ କିସ୍ ଦଳ ୫-୦ ଗୋଲରେ ବରଗଡ ଦଳକୁ ପରାସ୍ତ କରିଥିଲା। ସେହିପରି ଗାଙ୍ଗପୁର ହକି ଆସୋସିଏଶନ ଓ କନ୍ଧମାଳ ଦଳ ମଧ୍ୟରେ ଅନୁଷ୍ଠିତ ଅଷ୍ଟମ ମ୍ୟାଚ୍‌ରେ ଗାଙ୍ଗପୁର ହକି ଆସୋସିଏଶନ ୫-୦ ଗୋଲରେ କନ୍ଧମାଳକୁ ପରାସ୍ତ କରିଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ନବମ ମ୍ୟାଚ୍‌ରେ ଦେଓଗଡ ମାଲକାନଗିରି ଦଳକୁ ୩-୦ ଗୋଲରେ ପରାସ୍ତ କରିଥିଲା। ଦଶମ ମ୍ୟାଚ୍ ଜଗତସିଂହପୁର ଦଳ ୨-୧ ଗୋଲରେ ବଲାଙ୍ଗୀରକୁ ପରାସ୍ତ କରି ବିଜୟୀ ହୋଇଥିଲା। କଳାହାଣ୍ଡି ଦଳ ଏସ୍‌ଏମ୍‌ଏସ୍ ହକି ଏକାଡେମୀକୁ ସୁଟ୍‌ଆଉଟ୍‌ରେ ୪-୧ ଗୋଲରେ ପରାସ୍ତ କରିଥିଲା। ଶେଷରେ ସମ୍ବଲପୁର ନବରଙ୍ଗପୁର ଦଳକୁ ୬-୨ ଗୋଲରେ ପରାସ୍ତ କରିଥିଲା। ଉଦ୍‌ଘାଟନୀ ଦିବସରେ ହକି ଇଣ୍ଡିଆ ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ଗଞ୍ଜେଇ ସହ କାର ଜବତ, ୩ ଗିରଫ

ରେଢାଖୋଲ,୨୮।୯(ଅଚ୍ୟୁତାନନ୍ଦ ପୁରୋହିତ)

ରେଢାଖୋଲ ଅବକାରୀ ବିଭାଗ ୨୪.୫ କେଜି ଗଞ୍ଜେଇ ସହ ଗୋଟିଏ କାର ଓ ବାଇକ ଜବତ କରିଛି। ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ହେଲେ ମହେନ୍ଦ୍ର ବାଦୀ, ସନ୍ତୋଷ ପେରା ଓ ପଶ୍ଚିମବଙ୍ଗର ପ୍ରଶାନ୍ତ ପୋଦାର। ଏକ କାରରେ ଗଞ୍ଜେଇ ଚାଲାଣ ହେଉଥିବା ସୂଚନା ପାଇ ଅବକାରୀ ଇନ୍ସପେକ୍ଟର ଦୁର୍ବାଦଳ ବିଶ୍ୱାଳଙ୍କ ନେତୃତ୍ୱରେ ଶନିବାର ଅପରାହ୍ନରେ ରେଢାଖୋଲ-ବୌଦ୍ଧ ରାସ୍ତାର ବିଶିପାଲି ଛକରୁ ଏକ କାରରୁ ୨୧ କେଜି ଗଞ୍ଜେଇ ସହ ୨ ଜଣଙ୍କୁ ଗିରଫ କରାଯାଇଥିଲା। ସେହିପରି କଦଳୀଗଡ ଟୋଲଗେଟ ନିକଟରୁ ଏକ ବାଇକରେ ଚାଲାଣ ବେଳେ ସାଢେ ୩ କେଜି ଗଞ୍ଜେଇ ଜବତ କରାଯାଇଥିଲା। ଚାଲାଣକାରୀଙ୍କୁ ବିଭାଗ ଗିରଫ କରିଥିଲା। ୨ଟି ପୃଥକ ପୃଥକ ମାମଲା ରୁଜୁ କରାଯାଇ ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିଲା।

### ପ୍ରୋଗ୍ରେସିଭ୍ ଜିଏମ୍‌ୟୁ ପକ୍ଷରୁ ଜଗତ ସିଂ ଜୟନ୍ତୀ

ସମ୍ବଲପୁର,୨୮।୯(ବି.ଶଙ୍କର)

ପ୍ରୋଗ୍ରେସିଭ ଜିଏମ୍‌ୟୁ ପକ୍ଷରୁ ଜଗତ ସିଂ ଜୟନ୍ତୀ ଶନିବାର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ପାଳିତ ହୋଇଯାଇଛି। ଛାତ୍ର ନେତା ରୁମନ କୁମାର ପ୍ରଧାନ, ଆର୍ଯ୍ୟାନ ବହିଦାର, ଶାଶ୍ୱତ ପାଣ୍ଡିଆ ଭଗତ ସିଂଙ୍କ ସଂଗ୍ରାମ ବିଷୟରେ ବକ୍ତବ୍ୟ ରଖିଥିଲେ। ଛାତ୍ରୀଛାତ୍ରମାନଙ୍କୁ ଦେଶସେବାରେ ବ୍ରତୀ ହେବାପାଇଁ ଆହ୍ୱାନ ଦେଇଥିଲେ। ଅନୁଜ ଛତ୍ରିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶୁଭମ ମହାନ୍ତି, ଶୁଭମ୍ ସାହୁ, ଅର୍ୟମାନ ଦାସ, ଜସ୍ମିନ ପ୍ରଧାନ, ପ୍ରିତିଶ ତ୍ରିପାଠି, ସପନ ହୋତା, ହରିଶ୍ ସାହୁ ଉପସ୍ଥିତ ଥିଲେ।

### ସମ୍ବଲପୁର ଲନ୍‌ବଲ୍ ଦଳର ଭୁବନେଶ୍ୱର ଗସ୍ତ

ସମ୍ବଲପୁର,୨୮।୯(ପ୍ରମୋଦ ବହିଦାର)

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଆସନ୍ତା ୨୯ ତାରିଖରୁ ଅନୁଷ୍ଠିତ ହେବ ରାଜ୍ୟସ୍ତରୀୟ ଲନ୍‌ବଲ ପ୍ରତିଯୋଗିତା ହେବ। ଏଥିରେ ଭାଗ ନେବାକୁ ସମ୍ବଲପୁରର ବରିଷ୍ଠ ଓ କନିଷ୍ଠ ବର୍ଗର ୩୬ ଜଣିଆ ଲନ୍‌ବଲ୍ ଦଳ ପ୍ରଶିକ୍ଷକ ବିଜୟ ଦୋରାଙ୍କ ସହ ଶନିବାର ଭୁବନେଶ୍ୱର ଗସ୍ତ କରିଛନ୍ତି। ମହିଳା ଦଳର ରୀନା ହର ଓ ପୁରୁଷ ଦଳର ନେତୃତ୍ୱ ନେଇଛନ୍ତି ସୋଭିନ୍ ପତି। ଗସ୍ତପୂର୍ବରୁ ଜିଲାପାଳଙ୍କ କାର୍ଯ୍ୟାଳୟରେ ଖେଳାଳିମାନଙ୍କୁ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ମହାନଗର ନିଗମ ଆୟୁକ୍ତ ବେଦଭୂଷଣ, ଜିଲା କ୍ରୀଡ଼ା ଅଧିକାରୀ ଡ. ସତ୍ୟନାରାୟଣ ତାଣ୍ଡି ଶୁଭେଚ୍ଛା ଜଣାଇଥିଲେ। ଲନ୍‌ବଲ୍ ସଭାପତି ଡା. ରାସେଶ୍ୱରୀ ପାଣିଗ୍ରାହୀ, ସମ୍ପାଦିକା ରଶ୍ମିତା ପୁରୋହିତ ପ୍ରତିଯୋଗିତାରେ ଉତ୍ତମ ପ୍ରଦର୍ଶନ ପାଇଁ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଉନ୍ନତୀକରଣ ହେବ ଜମାଦାରପାଲି ଏୟାରଷ୍ଟ୍ରିପ୍

- ହୀରାକୁଦକୁ ଆଧାର କରି ବିକଶିତ ହେବ ସମ୍ବଲପୁରର ପର୍ଯ୍ୟଟନ ଯୋଜନା
- ରାଜ୍ୟ ପର୍ଯ୍ୟଟନ ସଚିବ ବଳବନ୍ତ ସିଂହ, ନିର୍ଦ୍ଦେଶକ ସମର୍ଥ ବର୍ମାଙ୍କ ସମ୍ବଲପୁର ଗସ୍ତ

ସମ୍ବଲପୁର,୨୮।୯(ଭବାନୀ ଶଙ୍କର ଭୋଇ)


ଜମାଦାରପାଲି ଏୟାରଷ୍ଟ୍ରିପରେ ରାଜ୍ୟ ପର୍ଯ୍ୟଟନ ସଚିବ ଏବଂ ପର୍ଯ୍ୟଟନ ନିର୍ଦ୍ଦେଶକ।

ରାଜ୍ୟ ପର୍ଯ୍ୟଟନ ସଚିବ ବଳବନ୍ତ ସିଂହ ଏବଂ ପର୍ଯ୍ୟଟନ ନିର୍ଦ୍ଦେଶକ ସମର୍ଥ ବର୍ମା ଶନିବାର ସମ୍ବଲପୁର ଗସ୍ତରେ ଆସି ଜିଲାରେ ପର୍ଯ୍ୟଟନର ବିକାଶ ନେଇ ସମୀକ୍ଷା କରିଥିଲେ। ଉଭୟେ ଜମାଦାରପାଲି ଏୟାରଷ୍ଟ୍ରିପରେ ପହଞ୍ଚି ସେଠାରେ ବିକାଶ ଯୋଜନା ଉପରେ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଜମାଦାରପାଲି ଏୟାରଷ୍ଟ୍ରିପର ଉନ୍ନତିକରଣ କରାଯିବା ଯୋଜନା ରହିଛି। ସେଥିପାଇଁ ଏହାର ରନୱେକୁ ୧୮ ମିଟରରୁ ବୃଦ୍ଧି କରି ୩୦ ମିଟର କରାଯିବା ନେଇ ପ୍ରସ୍ତୁତ ନକ୍ସାକୁ ଦେଖି ବିକାଶ କାର୍ଯ୍ୟ ସମୀକ୍ଷା କରିଥିଲେ। ସମ୍ବଲପୁରରେ ପର୍ଯ୍ୟଟନର ବିକାଶ ପାଇଁ ଏୟାରଷ୍ଟ୍ରିପରୁ ୭୨ ଆସନ ବିଶିଷ୍ଟ ଯାତ୍ରୀବାହୀ ବିମାନ ଚଳାଚଳ ପାଇଁ ଯୋଜନା ରହିଛି। ଏଥିପାଇଁ ଏହାର ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ପ୍ରଶାସନିକ ଅଧିକାରୀଙ୍କୁ ରାଜ୍ୟ ପର୍ଯ୍ୟଟନ ସଚିବ ବଳବନ୍ତ ସିଂହ ନିର୍ଦ୍ଦେଶ ଦେଇଥିଲେ।

ଏଥିପୂର୍ବରୁ ଉଭୟେ ମା' ସମଲେଇଙ୍କ ଦର୍ଶନ କରିବା ସହ ସମଲେଇ ପ୍ରକଳ୍ପର ସମୀକ୍ଷା କରିଥିଲେ। ନିମନ୍ତ୍ରଣ ଯୋଜନା ରେଷ୍ଟୁରାଷ୍ଟ ବୁଲି ଦେଖିବା ସହ ସେଠାକୁ ଆସୁଥିବା ଲୋକଙ୍କ ବିଷୟରେ ପଚାରି ବୁଝିଥିଲେ। ଅଧିକାରୀଙ୍କଠାରୁ ସମଲେଇ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ କାମ ବିଷୟରେ ତଥ୍ୟ ସଂଗ୍ରହ କରିବା ସହ ସମଲେଇ ମନ୍ଦିର ପରିସରରେ ଶୀଘ୍ର ଭୋଗ ବ୍ୟବସ୍ଥା କରିବାକୁ ଟ୍ରଷ୍ଟ ସଭାପତି ସଞ୍ଜୟ ବାବୁଙ୍କୁ ପରାମର୍ଶ ଦେଇଥିଲେ। ଏହାପରେ ସମଲେଇ ପ୍ରକଳ୍ପରେ ତିଆରି ରିଭରଭିଉ ବୁଲି ଦେଖିଥିଲେ। ସେଠାରୁ ମହାନଦୀର ଅଯୋଧ୍ୟା ସରୋବର ଯାଇ ନିର୍ମାଣ ହେବାକୁ ଥିବା ମହାନଦୀ ରିଭରଫ୍ରଣ୍ଟ ପ୍ରକଳ୍ପରେ ମହାନଦୀ ତଟ ବିକାଶ ଜମାଦାରପାଲି ଇକୋ ରିଟ୍ରିଟର ସ୍ଥାୟୀ ବିକାଶ ଉପରେ ଉପରେ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହାପରେ ହୀରାକୁଦ ନଦୀବନ୍ଧରେ ରହିଥିବା ଜଳରାଶିକୁ ଉପଯୋଗ କରି କିଭଳି ପର୍ଯ୍ୟଟକଙ୍କ ପାଇଁ ଜଳକ୍ରୀଡା ଆଦି ବିଭିନ୍ନ ବ୍ୟବସ୍ଥା କରାଯାଇ ପାରିବ ସେ ବିଷୟରେ ଆଲୋଚନା କରିଥିଲେ। ଏହାପରେ ଡେବ୍ରିଗଡ ଯାଇ ସେଠାକାର ପର୍ଯ୍ୟଟନସ୍ଥଳୀର ସ୍ଥିତ ବିଷୟରେ ସମୀକ୍ଷା କରିଥିଲେ। ଏହି ଗସ୍ତ ଅବସରରେ ସମ୍ବଲପୁର ମହାନଗର ନିଗମ କମିଶନର ବେଦଭୂଷଣ, ଜିଲା ପର୍ଯ୍ୟଟନ ଅଧିକାରୀ ରବିନ୍ଦ୍ର ଦଳାଇଙ୍କ ସମେତ ହୀରାକୁଦ ବନ୍ଧ କର୍ତ୍ତୃପକ୍ଷ ଏବଂ ଜିଲା ପ୍ରଶାସନର ବହୁ ଅଧିକାରୀ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ ଯେ, ନୂଆଁଖାଇ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ବଲପୁର ଗସ୍ତ ସମୟରେ ଜିଲାରେ ପର୍ଯ୍ୟଟନର ସମ୍ଭାବନାକୁ ଦୃଷ୍ଟିରେ ରଖି ଏହାର ବିକାଶ ନେଇ ପ୍ରତିଶ୍ରୁତି ଦେଇଥିଲେ। ଏହାସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିର୍ବାଚନ ଜିତିବା ପରେ ଜିଲା ପ୍ରଶାସନ ସହ ବିଭିନ୍ନ ବୈଠକରେ ଜିଲାର ପର୍ଯ୍ୟଟନସ୍ଥଳୀଗୁଡିକର ଚିହ୍ନଟ ଏବଂ ବିକାଶ ଦିଗରେ ପଦକ୍ଷେପ ନେବାକୁ ଜିଲାର ବରିଷ୍ଠ ପ୍ରଶାସନିକ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ।

# ଦଳକୁ ଆହୁରି ସଙ୍ଗଠିତ କରିବାକୁ ହେବ



ଭାଜପାର ସଦସ୍ୟତା ଅଭିଯାନରେ ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା ଏବଂ ଅନ୍ୟ ନେତୃବର୍ଗ।

ସମ୍ବଲପୁର,୨୮।୯(ଭବାନୀ ଶଙ୍କର ଭୋଇ)

**ଭାଜପାର ସଦସ୍ୟତା ଅଭିଯାନ**

ଭାଜପା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା କେନ୍ଦ୍ରାପଡା ଏମ୍‌ପି ବୈଜୟନ୍ତ ପଣ୍ଡା ଶନିବାର ସମ୍ବଲପୁର ଗସ୍ତରେ ଆସି ସଦସ୍ୟତା ଅଭିଯାନରେ ସାମିଲ ହୋଇଥିଲେ। ପ୍ରଥମେ ସମ୍ବଲପୁର ହାଟପଡ଼ା ସ୍ଥିତ ପ୍ରାଚୀନ ହନୁମାନ ମନ୍ଦିରଠାରେ ସଦସ୍ୟତା ଅଭିଯାନର ବିଶେଷ କାର୍ଯ୍ୟକ୍ରମରେ ଯୋଗ ଦେଇ ସ୍ଥାନୀୟ ଲୋକଙ୍କୁ ଅନ ଲାଇନ୍‌ରେ ଦଳର ପ୍ରାଥମିକ ସଦସ୍ୟ ଭାବେ ସାମିଲ୍ କରିଥଲେ। ଏହାପରେ ଦୁର୍ଗାପାଲିସ୍ଥିତ ଏକ ହୋଟେଲରେ ସଦସ୍ୟତା ଅଭିଯାନର ବିଶେଷ କର୍ମଶାଳାରେ ସାମିଲ ହୋଇଥିଲେ। ଦଳକୁ ଆହୁରି ସୁସଙ୍ଗଠିତ କରିବା ପାଇଁ ଆମ ସମସ୍ତଙ୍କୁ ସଙ୍କଳ୍ପ ନେଇ କାର୍ଯ୍ୟ କରିବାକୁ ପଡିବ ବୋଲି ଉପସ୍ଥିତ ଭାଜପା କର୍ମୀ ଓ ପଦାଧିକାରୀଙ୍କୁ ପଣ୍ଡା କହିଥିଲେ। କର୍ମଶାଳାରେ ବିଧାୟକ ଜୟ ନାରାୟଣ ମିଶ୍ର, ପୂର୍ବତନ ରେଙ୍ଗାଲି ବିଧାୟକ ନାଉରୀ ନାୟକ, ରାମଚନ୍ଦ୍ର ମେହେର, ଦେବେନ୍ଦ୍ର ମହାପାତ୍ର, ସବିତା ନନ୍ଦ ମଞ୍ଚାସୀନ ଥିଲେ। ଜିଲା ସଦସ୍ୟତା ପ୍ରଭାରୀ ସୁଶୀଲ କରଙ୍କ ସଭାପତିତ୍ୱରେ ହୋଇଥିବା ପ୍ରଶିକ୍ଷଣ ଶିବିରରେ ଜିଲା ସାଧାରଣ ସମ୍ପାଦକ ଅନୀଲ ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ରାଧେଶ୍ୟାମ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହା ପରେ ସେ ଜେଲ୍ ଛକ୍ ଠାରେ ଚାୟେ ପେ ଚର୍ଚ୍ଚାରେ ସାମିଲ୍ ହୋଇଥିଲେ। ସମସ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ନେତା ଦାମୋଦର କର, ରାଜ୍ୟ ପେନାଲିଷ୍ଟ ମାନସ ରଞ୍ଜନ ବକ୍ସି, ଜିଲା କୃଷକ ମୋର୍ଚ୍ଚା ସଭାପତି ସମୀର ରଞ୍ଜନ ବାବୁ, ମଣ୍ଡଳ ସଭାପତି ସୁଶାନ୍ତ ପୁରୋହିତ ଓ ଶମ୍ଭୁ ବରେଲିଆ, ଫଣୀଭୂଷଣ ମିଶ୍ର, ଅଜିତ ବେହେରା, ମୋହନ୍ ଦାଶ, ଅରୁଣ କୁମାର ଦାସ, ଶୈଳେନ୍ଦ୍ର ପୁରୋହିତ, ମୁକେଶ ଜରିୱାଲ୍, ଗୋପାଳ ଅଗ୍ରୱାଲ, ସନ୍ତୋଷ ଡାଲୁଆ, ସୋମିତ୍ର ଜତି, ସୁଧିର ରଞ୍ଜନ ବହିଦାର ପ୍ରମୁଖ ସାମିଲ ଥିଲେ।

# ବିଜ୍ଞାନ ଶିକ୍ଷକଙ୍କ ପ୍ରଶିକ୍ଷଣ ଶିବିର



ମାନକ ବ୍ୟୁରୋ ଆୟୋଜିତ ପ୍ରଶିକ୍ଷଣ ଶିବିରରେ ସାମିଲ ବିଜ୍ଞାନ ଶିକ୍ଷୟିତ୍ରୀ ଓ ଶିକ୍ଷକ।

ସମ୍ବଲପୁର,୨୮।୯(ପ୍ରମୋଦ ବହିଦାର)

**ମାନକ ବ୍ୟୁରୋ କ୍ଲବର ୬୫ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ଅଂଶଗ୍ରହଣ**

ସମ୍ବଲପୁରରେ ମାନକ ବ୍ୟୁରୋ ଭୁବନେଶ୍ୱର ଆନୁକୂଲ୍ୟରେ ଅନୁଷ୍ଠିତ ବିଜ୍ଞାନ ଶିକ୍ଷକଙ୍କ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ସମ୍ବଲପୁର ସ୍ଥିତ ଏକ ହୋଟେଲରେ ଅନୁଷ୍ଠିତ ଶିବିରକୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଭାରତୀୟ ମାନକ ବ୍ୟୁରୋ ଭୁବନେଶ୍ୱର ଶାଖାର ନିର୍ଦ୍ଦେଶକ ବୈଜ୍ଞାନିକ ଅକ୍ଷୟ କୁମାର ପୁରୋହିତ ଉଦ୍‌ଘାଟନ କରିଥିଲେ। ଏଥିରେ ଭାରତୀୟ ମାନକ ବ୍ୟୁରୋ ଭୁବନେଶ୍ୱର ଶାଖାର ଯୁଗ୍ମ ନିର୍ଦ୍ଦେଶକ ଦୀପକ ପାତ୍ର, ମାନକ ପ୍ରୋତ୍ସାହନ ପରାମର୍ଶଦାତା ରଜନୀ ପନୱାର, ମାନକ ପ୍ରୋତ୍ସାହନ ଅଧିକାରୀ ସ୍ୱପ୍ନିଲ ପ୍ରତାପ ଯୋଗ ଦେଇଥିଲେ। ରଜନୀ ପନୱାର ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟଅତିଥି ବୈଜ୍ଞାନିକ ଅକ୍ଷୟ କୁମାର ପୁରୋହିତ ଭାରତୀୟ ମାନକ ବ୍ୟୁରୋର ଭୂମିକା ଉପରେ ଏକ ସମୀକ୍ଷା ଆଧାରିତ ତଥ୍ୟ ଉପସ୍ଥାପନ କରିଥିଲେ। ସେଥିମଧ୍ୟରେ ମାନକର ପ୍ରୋତ୍ସାହନ ସମ୍ବନ୍ଧୀୟ ମାନକୀକରଣ, ସାର୍ଟିଫିକେସନ ସ୍କିମ, ପରୀକ୍ଷା ଏବଂ ପ୍ରଶିକ୍ଷଣ ସମ୍ପର୍କିତ ତଥ୍ୟ ଅନ୍ତର୍ଭୁକ୍ତ। ବୈଦ୍ୟୁତିକ ପ୍ରେସର କୁକର ଉପରେ ଆଧାରିତ ତଥ୍ୟ ପ୍ରଦର୍ଶନ କରି ସେ ମାନକ ମାଧ୍ୟମରେ ବିଜ୍ଞାନ ଶିକ୍ଷାର ପଦ୍ଧତି ଏହାର ପ୍ରୟୋଗ ଉପରେ ଆଲୋଚନା କରି ଦୈନନ୍ଦିନ ଜୀବନରେ ମାନକର ଗୁରୁତ୍ୱ, ଛାତ୍ରୀଛାତ୍ରଙ୍କ ପାଇଁ ବିଜ୍ଞାନର ଭୂମିକାକୁ ସେ ରେଖାଙ୍କିତ କରିଥିଲେ।

ବିଜ୍ଞାନ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ପାଇଁ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରରେ ସମ୍ବଲପୁର ସହିତ ବରଗଡ଼, ଦେବଗଡ଼, ଝାରସୁଗୁଡ଼ା ଓ ସୁବର୍ଣ୍ଣପୁର ଜିଲାର ପ୍ରାୟ ୬୫ ଜଣ ମାନକ ବ୍ୟୁରୋ କ୍ଲବର ମାର୍ଗଦର୍ଶକ ବିଜ୍ଞାନ ଶିକ୍ଷୟିତ୍ରୀ ଓ ଶିକ୍ଷକ ତାଲିମ ନେଇଥିଲେ। ଉଦ୍‌ଯାପନୀ ଦିବସରେ ୧୦ଟି ଗୋଷ୍ଠୀରେ ବିଭକ୍ତ ହୋଇ ଏଠାରେ ଅନୁଷ୍ଠିତ ଏକ ଗୋଷ୍ଠୀ ଆଲୋଚନାରେ କ୍ଲବର ଶିକ୍ଷୟତ୍ରୀ ଓ ଶିକ୍ଷକମାନେ ଅଂଶଗ୍ରହଣ କରିଥିଲେ। ରଞ୍ଜନ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କ୍ଲବର ଶିକ୍ଷୟତ୍ରୀ ଓ ଶିକ୍ଷକମାନଙ୍କ ଅଭିଜ୍ଞତା ବିକାଶ ଓ ବିଜ୍ଞାନ କ୍ଷେତ୍ରରେ ସ୍ୱତନ୍ତ୍ର ଶୈକ୍ଷିକ ଜ୍ଞାନ ଆହରଣ ପାଇଁ ହୀରାକୁଦସ୍ଥିତ ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ ଶିଳ୍ପାନୁଷ୍ଠାନ ପରିଦର୍ଶନ କରିଥିଲେ।

### ହୀରାକୁଦ ଜଳଭଣ୍ଡାର: ଖୋଲିଲା ଆଉ ଗୋଟିଏ ଗେଟ୍

ସମ୍ବଲପୁର,୨୮।୯(ପ୍ରମୋଦ ବହିଦାର)

ହୀରାକୁଦ ଜଳଭଣ୍ଡାରର ଜଳସ୍ତର ଶନିବାର ମଧ୍ୟ ଏହାର ସର୍ବୋଚ୍ଚ ଜଳ ଧାରଣା କ୍ଷମତା ୬୩୦ ଫୁଟ୍‌ରେ ସ୍ଥିର ରହିଛି। ଜଳଭଣ୍ଡାରକୁ ବନ୍ୟାଜଳ ପ୍ରବେଶ ପରିମାଣ ବୃଦ୍ଧିକୁ ଦୃଷ୍ଟିରେ ରଖି ଶନିବାର ସନ୍ଧ୍ୟାରେ ଆଉ ଗୋଟିଏ ସ୍ଲୁଇସ୍ ଗେଟ୍ ଖୋଲାଯାଇଛି। ଫଳରେ ଖୋଲିଥିବା ମୋଟ୍ ଗେଟ୍ ସଂଖ୍ୟା ୧୦କୁ ବୃଦ୍ଧି ପାଇଛି। ଶୁକ୍ରବାର ଏକକାଳୀନ ୫ଟି ସ୍ଲୁଇସ୍ ଗେଟ୍ ଖୋଲାଯାଇ ସମୁଦାୟ ୯ଟି ସ୍ଲୁଇସ୍ ଗେଟ୍ ମାଧ୍ୟମରେ ଅତିରିକ୍ତ ବନ୍ୟାଜଳ ନିଷ୍କାସନ ପ୍ରକ୍ରିୟା ଜାରି ରହିଥିଲା। ଶନିବାର ସନ୍ଧ୍ୟା ୭ଟା ସୁଦ୍ଧା ହସ୍ତଗତ ଶେଷ ସୂଚନା ଅନୁସାରେ ଜଳଭଣ୍ଡାର ମଧ୍ୟକୁ ପ୍ରତି ସେକେଣ୍ଡରେ ୧ ଲକ୍ଷ ୯୫ ହଜାର ୫୮୦ ଘନଫୁଟ ବନ୍ୟାଜଳ ପ୍ରବେଶ କରୁଥିବା ବେଳେ ସମାନ ପରିମାଣର ବନ୍ୟାଜଳ ନିଷ୍କାସିତ ହେଉଛି। ସେଥିମଧ୍ୟରେ ବାମ ପାର୍ଶ୍ୱର ୭ଟି ଓ ଦକ୍ଷିଣ ପାଶ୍ୱର ୩ଟି ମିଶି ମୋଟ ୧୦ଟି ସ୍ଲୁଇସ୍ ଗେଟ୍ ଜରିଆରେ ସେକେଣ୍ଡ ପ୍ରତି ୧ ଲକ୍ଷ ୬୪ ହଜାର ୪୦୦ ଘନଫୁଟ ଜଳ ନିଷ୍କାସିତ ହେଉଛି। ସେହିପରି ବିଦ୍ୟୁତ୍ ଉତ୍ପାଦନ ପାଇଁ ପାୱାର ଚ୍ୟାନେଲରେ ୨୬ ହଜାର ୩୮୬ ଘନଫୁଟ, ବରଗଡ଼ କେନାଲରେ ୩ ହଜାର ୮୫୫ ଘନଫୁଟ, ଶାସନ କେନାଲରେ ୫୫୦ ଘନଫୁଟ, ସମ୍ବଲପୁର କେନାଲରେ ୧୦୯ ଓ ହୀରାକୁଦ କେନାଲରେ ୭ ଘନଫୁଟ ଜଳ ନିଷ୍କାସିତ ହେଉଛି। ସେହିପରି ଶିଳ୍ପାନୁଷ୍ଠାନଗୁଡ଼ିକୁ ୨୭୩ ଘନଫୁଟ ଜଳ ଯୋଗାଣ ହେଉଛି।

# ବିଦ୍ୟୁତ୍ ସଂଯୋଗରୁ ମିଟର ହଟାଇବା ଦଣ୍ଡନୀୟ ଅପରାଧ

ସମ୍ବଲପୁର,୨୮।୯(ବି.ଶଙ୍କର)

**ପ୍ରେସ ବିବୃତିରେ ସୂଚିତ କଲା ଟିପିଡବ୍ଲୁଓଡିଏଲ**

ଟାଟା ପାୱର ପଶ୍ଚିମ ଓଡ଼ିଶା ବିଦ୍ୟୁତ୍ ବିତରଣ କମ୍ପାନୀ (ଟିପିଡବ୍ଲ୍ୟୁଓଡିଏଲ) ସମାଜର ପ୍ରତ୍ୟେକ ବର୍ଗକୁ ସ୍ଥିର, ବିଶ୍ୱସନୀୟ, ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ନିଶ୍ଚିତ କରିବାକୁ ଗୁରୁତ୍ୱ ଦେଇ ଆସୁଛି। କିନ୍ତୁ ବରଗଡ଼ ଜିଲାର ବରପାଲି ଅଞ୍ଚଳର କେତେକ ଗ୍ରାହକ ପୁଣି ଥରେ ସେମାନଙ୍କ ଗୃହ ପରିସରରେ ସ୍ଥାପନ ହୋଇଥିବା ମିଟରକୁ ହଟାଇଛନ୍ତି। ପରେ ମିଟରଗୁଡିକୁ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଫିଙ୍ଗି ଦେଇଛନ୍ତି। ଏହି ଘଟଣା ଟିପିଡବ୍ଲ୍ୟୁଓଡିଏଲ ପରିସରଭୁକ୍ତ ହୋଇଛି। ଏନେଇ ଶୁକ୍ରବାର ଟିପିଡବ୍ଲ୍ୟୁଓଡିଏଲ କର୍ତ୍ତୃପକ୍ଷ ପୁନର୍ବାର ନିଜର ଆଭିମୁଖ୍ୟ ସ୍ପଷ୍ଟ କରି କହିଛନ୍ତି ଯେ, ବିଦ୍ୟୁତ୍ ବିତରଣ, ରକ୍ଷଣାବେକ୍ଷଣ, ମିଟର ସ୍ଥାପନ, ବିଲିଂ, ବିଲିଂ ଶୁଳ୍କ ଇତ୍ୟାଦି ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗଙ୍କ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ। ସମାଜର ବିଭିନ୍ନ ବର୍ଗର ଲୋକଙ୍କ ସହ ଖୋଲାଖୋଲି ଆଲୋଚନା ମାଧ୍ୟମରେ ପ୍ରତିବର୍ଷ ଆୟୋଗଙ୍କ ଦ୍ୱାରା ଏହି ଶୁଳ୍କ ଘୋଷଣା କରାଯାଇଥାଏ। ବିତରଣ ପାଇଁ ଲାଇସେନ୍ସଧାରୀ କମ୍ପାନୀ ଭାବେ ଆୟୋଗଙ୍କ ଦ୍ୱାରା ଦିଆଯାଇଥିବା ନିଷ୍ପତ୍ତିକୁ ପାଳନ କରାଯାଉଛି। ଜଣେ ଉପଭୋକ୍ତାଙ୍କୁ ଏକ ପଞ୍ଜିକୃତ ଉପଭୋକ୍ତା ଭାବେ ସେତେବେଳେ ବିବେଚନା କରାଯାଏ, ଯେତେବେଳେ ସେହି ବ୍ୟକ୍ତିଙ୍କ ଗୃହ ପରିସରରେ ମିଟର ସହିତ ବିଦ୍ୟୁତ୍ ସଂଯୋଗ କରାଯାଇଥାଏ। ତେଣୁ ସଂଯୋଗରୁ ମିଟରକୁ ହଟାଇବା ବେଆଇନ। ବିଦ୍ୟୁତ୍ ଅଧିନିୟମ ୨୦୦୩ର ଧାରା ୧୩୫, ୧୩୮ ଏବଂ ୧୩୯ ଅନୁଯାୟୀ ଏହା ଏକ ଦଣ୍ଡନୀୟ ଅପରାଧ। ଗ୍ରାହକ ଏବଂ ଜନସାଧାରଣଙ୍କ ଅବଗତି ନିମନ୍ତେ ଟିପିଡବ୍ଲ୍ୟୁଓଡିଏଲ ଗତ କିଛି ମାସ ମଧ୍ୟରେ ଅନେକଥର ଉପରୋକ୍ତ ସୂଚନା ପ୍ରଦାନ କରି ଆସୁଛି।

ବରପାଲି ଅଞ୍ଚଳରେ ଘଟିଥିବା ଘଟଣା ସମ୍ବନ୍ଧରେ କମ୍ପାନୀ ପକ୍ଷରୁ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲା ପ୍ରଶାସନ ପାଖରେ ଅନୁରୋଧ ଯାଇଛି। ସ୍ମାର୍ଟ ମିଟର ଶତ ପ୍ରତିଶତ ଠିକ୍, ବିଶ୍ୱସନୀୟ ଏବଂ ଉପଭୋକ୍ତାଙ୍କୁ ପ୍ରଦାନ କରାଯାଉଥିବା ଉପକରଣ ସହିତ କୌଣସି ସମସ୍ୟା ନାହିଁ। ତେଣୁ ଟିପିଡବ୍ଲ୍ୟୁଓଡିଏଲ ସର୍ବଦା ଗ୍ରାହକମାନଙ୍କୁ ଅନୁରୋଧ କରି ଆସୁଛି, ଜୀବନ୍ତ ବିଦ୍ୟୁତ ତାରରେ ଅନୈତିକ ସଂଯୋଗ କରିବା ଜୀବନ ପ୍ରତି ବିପଜ୍ଜନକ। ଏଥିସହ ଧନଜୀବନ ହାନୀ ଭଳି ଅପ୍ରୀତିକର ପରିସ୍ଥିତ ସୃଷ୍ଟି ହୋଇଥାଏ। ଏହି ଭଳି ଦୁର୍ଭାଗ୍ୟଜନକ ପରିସ୍ଥିତିରେ ଯଦି କୌଣସି ଦୁର୍ଘଟଣା ଘଟେ ତେବେ କମ୍ପାନୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ବୋଲି ବୁର୍ଲାସ୍ଥିତ ଟିପିଡବ୍ଲ୍ୟୁଓଡିଏଲ କର୍ପୋରେଟ ଯୋଗାଯୋଗ ଏବଂ ସରକାରୀ ସମ୍ପର୍କ ମୁଖ୍ୟ କାର୍ଯ୍ୟାଳୟ ପକ୍ଷରୁ ପ୍ରେସ ବିବୃତିରେ ସୂଚିତ କରାଯାଇଛି।

# ଚକ୍ରଧରପୁରକୁ ହରାଇଲା ଭୁବନେଶ୍ୱର

ସମ୍ବଲପୁର,୨୮।୯(ବି.ଶଙ୍କର)


ଭୁବନେଶ୍ୱର ଓ ଚକ୍ରଧରପୁର ମଧ୍ୟରେ ଖେଳାଯାଇଥିବା ମ୍ୟାଚର ଏକ ଦୃଶ୍ୟ।

**ସର୍ବଭାରତୀୟ ବୀର ସୁରେନ୍ଦ୍ର ସାଏ ଫୁଟବଲ ଚାମ୍ପିୟନଶିପ**

ସମ୍ବଲପୁର ଜିଲା କ୍ରୀଡା ସଂଘ ଆୟୋଜିତ ସର୍ବଭାରତୀୟ ବୀର ସୁରେନ୍ଦ୍ର ସାଏ ଫୁଟବଲ ଚାମ୍ପିୟନଶିପ-୨୦୨୪ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଜଗା ୟୁନାଟେଡ ଭୁବନେଶ୍ୱର ବନାମ ସ୍ପୋର୍ଟିଂ କ୍ଲବ ଚକ୍ରଧରପୁର ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ହୋଇଥିଲା। ଏଥିରେ ଭୁବନେଶ୍ୱର ୨-୧ ଗୋଲରେ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟରେ ପହଞ୍ଚିଛି। ଭୁବନେଶ୍ୱର ଦଳର ଖେଳାଳି ଜର୍ସି ନମ୍ବର ୧୦ ଛୋଟୁ ମୁର୍ମୁ ଏକ ଦର୍ଶନୀୟ ଗୋଲ ସ୍କୋର କରିଥିଲେ। ଏହାପରେ ବିପକ୍ଷ ଚକ୍ରଧରପୁର ଖେଳାଳିମାନେ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲେ। ଫଳସ୍ୱରୂପ ମ୍ୟାଚର ୪ ମିନିଟରେ ଚକ୍ରଧରପୁରର ଜର୍ସି ନମ୍ବର ୯ ଆର.ଜାମେଦାର ଭୁବନେଶ୍ୱର ଗୋଲପୋଷ୍ଟକୁ ପ୍ରହାର କରିଥିଲେ। ହେଲେ ବଲଟି ଗୋଲପୋଷ୍ଟ ବାରରେ ବାଜି ପଡିଆ ଭିତରକୁ ଫେରିଆସିଥିଲା । ପୁଣି ଆର ଜାମେଦାର କ୍ଷିପ୍ର ଗତିରେ ପ୍ରହାର କରି ଗୋଲ ସ୍କୋର କରିଥିଲେ । ଯଦ୍ୱାରା ମ୍ୟାଚ ୧-୧ ଗୋଲ ସ୍କୋରରେ ବରାବର ରହିଥିଲା। ଏହାପରେ ଭୁବନେଶ୍ୱର ଖେଳାଳିମାନେ ଯୋଜନାବଦ୍ଧ ଭାବେ ଚକ୍ରଧରପୁର ଗୋଲ ପୋଷ୍ଟକୁ ତୁହାକୁ ତୁହା ଆକ୍ରମଣ ଜାରି ରଖିଥିଲେ। ମ୍ୟାଚର ୩୩ତମ ମିନିଟରେ ଭୁବନେଶ୍ୱର ଖେଳାଳି ଜର୍ସି ନମ୍ବର ୯ ପ୍ରଫୁଲ୍ଲ ଲାକ୍ରା ଦର୍ଶନୀୟ ଗୋଲ ସ୍କୋର କରିଥିଲେ। ତେଣୁ ମ୍ୟାଚ ୨-୧ ଗୋଲ ରେ ପହଞ୍ଚିଥିଲା। ରେଫେରୀଭାବେ କାର୍ତ୍ତିକ ଦାଶ, ଜଗନ୍ନାଥ ରାଓ, ସଲିଲ ବେହେରା ଓ ସୁବାଷ ରାଉତ ମ୍ୟାଚ ପରିଚାଳନା କରିଥିଲେ। ଜିଲା କ୍ରୀଡାସଂଘ ସାଧାରଣ ସମ୍ପାଦକ ସୁନୀଲ କୁମାର ସାହୁଙ୍କ ପରିଚାଳନାରେ ଉଦଘାଟନୀ ଉତ୍ସବ ହୋଇଥିଲା । ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଭାଜପା ନେତା ସରୋଜ ଦଳପତ, ରାମଦାଶ ପଣ୍ଡା, ସୁଶାନ୍ତ କୁମାର ପୁରୋହିତ, ପ୍ରାକ୍ତନ ବନ ଅଧିକାରୀ ପୃଥ୍ୱୀରାଜ ବେହେରା ସମ୍ମାନୀତ ଅତିଥି ଥିଲେ। ଜିଲା କ୍ରୀଡା ସଂଘ ଫୁଟବଲ ସମ୍ପାଦକ ଅବଦୁଲ ଗଫାର ପ୍ରାରମ୍ଭିକ ସୂଚନା ଓ ଅତିଥି ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଜିଲା କ୍ରୀଡା ସଂଘର ସମସ୍ତ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ ।

# ଅନ୍ତର୍ନିହିତ ପ୍ରତିଭା ବିକାଶରେ ସୁରଭି ଏକ ମାଧ୍ୟମ

ନାକଟିଦେଉଳ,୨୮।୯(ବୈକୁଣ୍ଠନାଥ ସାହୁ)


ଘୋଷରାମାଳ ଉଚ୍ଚବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୃତୀ ଛାତ୍ରୀଛାତ୍ରୀଙ୍କ ସହ ଅତିଥି।

**ନାକଟୀଦେଉଳ ବ୍ଲକର ବିଭିନ୍ନ କ୍ଲଷ୍ଟରରେ ସୁରଭି କାର୍ଯ୍ୟକ୍ରମ**

ସମ୍ବଲପୁର ଜିଲା ନାକଟୀଦେଉଳ ବ୍ଲକର ବିଭିନ୍ନ କ୍ଲଷ୍ଟରରେ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ଘୋଷରାମାଳ କ୍ଲଷ୍ଟର ପକ୍ଷରୁ ଘୋଷରାମାଳ ଉଚ୍ଚବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୧୦ ବିଦ୍ୟାଳୟର ୨୦୦ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, ଚିତ୍ରାଙ୍କନ, ସଙ୍ଗୀତ, ରଚନା, ଲୋକନୃତ୍ୟ ଆଦି ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥଲା। ଘୋଷରାମାଳ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ କ୍ଷୀତିଶ ବିଶ୍ୱାଳ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ସମାରୋହରେ ସିଆରସିସି ତରଣ କୁମାର ମେହେର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ କ୍ଷୀତିଶ ବିଶ୍ୱାଳ, ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଭୀମସେନ ବେହେରା, ସମ୍ମାନୀତ ଅତିଥିଭାବେ ସହକାରୀ ଶିକ୍ଷକ କରେନ କୁମାର ପ୍ରଧାନ, ଘୋଷରାମାଳ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ବିମଳା ଟପୋ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କର ଅର୍ନ୍ତନିହିତ ପ୍ରତିଭାର ବିକାଶ ଦିଗରେ ସୁରଭି ଏକ ଭଲ ମାଧ୍ୟମ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ସମସ୍ତ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପ୍ରମାଣପତ୍ର ଏବଂ ଟ୍ରଫି ଦେଇ ପୁରସ୍କୃତ କରିଥିଲେ। ସେହିପରି ସାହେବୀ କ୍ଲଷ୍ଟର ପକ୍ଷରୁ ସାହେବୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସିଆରସିସି ଅଜିତ କୁମାର ପ୍ରଧାନ ପରିଚାଳନା କରିଥିଲେ। କ୍ଲଷ୍ଟର ଅନ୍ତର୍ଗତ ୭ ପ୍ରାଥମିକ, ଉଚ୍ଚପ୍ରାଥମିକ ଏବଂ ଉଚ୍ଚ ବିଦ୍ୟାଳୟର ୧୧୦ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରକାରର ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ଶୂନ୍ୟବାସୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥିଭାବେ ବ୍ଲକ ଶିକ୍ଷା ଅଧିକାରୀ ବିଜୟ କୁମାର ପାତ୍ର, ମୁଖ୍ୟବକ୍ତା ବାଟଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ରାଜନୀତି ବିଜ୍ଞାନ ଅଧାପକ ପ୍ରଫୁଲ୍ଲ କୁମାର ପ୍ରଧାନ, ସମ୍ମାନୀତ ଅତିଥି ସାହେବୀ ସରପଞ୍ଚ ରାମପ୍ରସାଦ ସାହ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଶ୍ୟାମ ସୁନ୍ଦର ଦାଶ ଯୋଗଦେଇଥିଲେ।

ଅନୁରୂପଭାବେ ଜାମୁଯୋରୀ କ୍ଲଷ୍ଟର ପକ୍ଷରୁ ଜାମୁଯୋରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୮ ବିଦ୍ୟାଳୟର ୬୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ତର୍କ, ବକ୍ତୃତା, ରଚନା, ଚିତ୍ରାଙ୍କନ, ସାଧାରଣ ଜ୍ଞାନ ଏବଂ ହସ୍ତାକ୍ଷର ଲିଖନ ପ୍ରତିଯୋଗୀତା ହୋଇଥିଲା। ସିଆରସିସି ମନୋରଞ୍ଜନ ସେଠ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜାମୁଯୋରୀ ନୋଡ଼ାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଚନ୍ଦ୍ରମଣୀ ବେହେରା, କୁଡ଼ାନାଳୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କ୍ଷୀତିରଞ୍ଜନ ଗଡ଼ନାୟକ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

